## ଦୁର୍ଘଟଣାରେ ପରିବାରର ୯ ମୃତ

ରାୟପୁର: ଛତିଶଗଡ଼ର କୋଣ୍ଡାଗାଁଓ ଜିଲାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ମହିଳା ଓ ଜଣେ ଏକ ବର୍ଷର ଶିଶୁକନ୍ୟା ରହିଛି। ସେମାନେ ଗୋଡମା ଗ୍ରାମରେ ଏକ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ଅଟୋରିକ୍ସା ଯୋଗେ ନିଜ ଗ୍ରାମ ପାଣ୍ଡିଆଥିକୁ ଫେରୁଥିବା ବେଳେ ବୋରଗାଓଁ ନିକଟରେ ଏକ ଏସ୍‌ୟୁଭି ଧକ୍କା ଦେଇଥିଲା।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ମହାପାତ୍ରଙ୍କ ପରଲୋକ

**ଭଣ୍ଡାରିପୋଖରୀ,୧୯।୯(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅନ୍ତର୍ଗତ ହାଟଡ଼ିହି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ମହାପାତ୍ର(୯୯)ଙ୍କ ରବିବାର ସକାଳେ ହୃଦ୍‌ଘାତରେ



ପରଲୋକ ଘଟିଛି। ସେ ଭଣ୍ଡାରିପୋଖରୀ ଥାନା ପୋଡ଼ି ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରାଣୀତକାନ୍ତ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିବାସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ୬ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଏକମାତ୍ର ପୁଅ ସତ୍ୟାନନ୍ଦ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଜନ୍ମ ମାଟିରେ ସଂଗ୍ରାମୀ ବୈକୁଣ୍ଠଙ୍କ ଅନ୍ତିମ ସଂସ୍କାର କରାଯିବା ସହ ପୁଅ ସତ୍ୟାନନ୍ଦ ମୁଖାଗ୍ନି ଦେଇଥିଲେ।

### 'ଲାଏ ଡିଟେକ୍ସନରେ ସମୟ ନଷ୍ଟ କରା ନ ଯାଇ ସିବିଆଇ ତଦନ୍ତ ହେଉ'

**ଖଇରା,୧୯।୯(ଡି.ଏନ.ଏ.):** ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁର ୬୬ଦିନ ପରେ ଶନିବାର ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। ଏହାକୁ ନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି କ୍ରାଇମବ୍ରାଞ୍ଚ ଯାହା ନ୍ୟାୟ ଦେବ ତାହା ତାଙ୍କ ପରିବାର ନୁହେଁ ସାରା ଓଡ଼ିଶା ଜାଣିସାରିଲାଣି। ପଚରାଉଚୁରା ତଥା ଏଭଳି ପରୀକ୍ଷାରେ ସମୟ ନଷ୍ଟ ନ କରି ପୋଲିସ ଯଥାଶୀଘ୍ର ଚାର୍ଜଶିଟ ପ୍ରଦାନ କଲେ ହୁଏତ ସେମାନେ ନ୍ୟାୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରନ୍ତେ। ଏଭଳି ପରୀକ୍ଷା ନିରୀକ୍ଷା କରାଇ ଶେଷରେ ସମସ୍ତଙ୍କୁ କ୍ଲିନଚିଟ୍ ଦେବା ପାଇଁ ପଥ ପରିଷ୍କାର କରାଯାଉଛି। ସର୍ବୋପରି ସେ ସିବିଆଇ ତଦନ୍ତ ଦାବିକୁ ପୁନର୍ବାର ଦୋହରାଇଛନ୍ତି। ଭାଇ ରଞ୍ଜନ ମହାପାତ୍ର କହିଛନ୍ତି, ଲାଏ ଡିଟେକ୍ସନ ଟେଷ୍ଟ ବେଳେ ସୌମ୍ୟଙ୍କ ପରିବାର ଲୋକ ଉପସ୍ଥିତ ରହିବାରେ କିଛି ଅସୁବିଧା ନ ଥିଲା। କ୍ରାଇମବ୍ରାଞ୍ଚ ଯେଉଁଭଳି କାର୍ଯ୍ୟ କରୁଛି ତାହା ସାଧାରଣରେ ସନ୍ଦେହ ହେବା ସ୍ୱାଭାବିକ। ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବିଦ୍ୟାଭାରତୀ, ମମତା ପଣ୍ଡା, ପାରଳାଖେମୁଣ୍ଡି ଡାକ୍ତରଖାନାରେ ସୌମ୍ୟଙ୍କୁ ଚିକିତ୍ସା କରିଥିବା ଡାକ୍ତର, ଜମାନବନ୍ଦୀ ସମୟରେ ଉପସ୍ଥିତ ଥିବା ତହସିଲଦାରଙ୍କୁ ଲାଏ ଡିଟେକ୍ସନ ଟେଷ୍ଟ କରାଗଲେ ତଥ୍ୟ ବିଷୟରେ ପରିବାର ଲୋକ ଅବଗତ ହୋଇପାରନ୍ତେ।

# ଆଉ କେତେ ମୁଣ୍ଡ ଗଡ଼ିବ

**ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନ୍ ମୃତ୍ୟୁର ଆଁ ମେଲି ରହିଛି। ଏ କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବହେଳା ଯୋଗୁ ବାରମ୍ବାର ମୃତ୍ୟୁ ଘଟୁଛି। ଏଭଳି ଭାବେ ଗତ ୬ ବର୍ଷ ମଧ୍ୟରେ ୫ ଜୀବନ ଯାଇଛି। ମୁକୁଳା ଡ୍ରେନ୍ ଏକାଧିକ ଜୀବନ ନେବା ପରେ ୨୦୧୯ ମାର୍ଚ୍ଚ ୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏମ୍‌ସିକୁ ୧ ହଜାର କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ଉକ୍ତ ଅର୍ଥରେ ଡ୍ରେନେଜ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଥିଲା। ତଥାପି ମୁକୁଳା ଡ୍ରେନ ସମସ୍ୟା ଦୂର ହୋଇପାରିଲା ନାହିଁ। ଫଳସ୍ୱରୂପ ରବିବାର ଛାତ୍ର ଜ୍ୟୋତିପ୍ରକାଶ ବେହେରା ଡ୍ରେନ୍‌ରେ ଭାସି ଯାଇଛନ୍ତି। ଏହି ଘଟଣା ଭୁବନେଶ୍ୱରବାସୀଙ୍କୁ ବ୍ୟତିବ୍ୟସ୍ତ କରିଦେବା ସହ କେତେ ମୁଣ୍ଡ ଗଡ଼ିଲେ ବିଏମ୍‌ସି ଚେତିବ ବୋଲି କ୍ଷୋଭ ପ୍ରକାଶ ପାଇଛି।**



ଛାତ୍ର ଜ୍ୟୋତିପ୍ରକାଶ ବେହେରା ଭାସିଯାଇଥିବା ସ୍ଥାନ।

ଭୁବନେଶ୍ୱର,୧୯।୯(ବ୍ୟୁରୋ)

- ଅଧିକାରୀଙ୍କ ହାତରେ କ୍ଷମତା, କହିବାକୁ କେହିନାହିଁ
- ବର୍ଷା ଦିନରେ କାମ, ଅଧିକାଂଶ ଅଧାପନ୍ତରିଆ

କୌଣସି ପରିସ୍ଥିତିରେ ଡ୍ରେନ ମୁକୁଳା ରହିପାରିବ ନାହିଁ। ସମସ୍ତ ଡ୍ରେନ ଉପରେ ସ୍ଲାବ ପକାଇବା ବାଧ୍ୟତାମୂଳକ ବୋଲି ପୂର୍ବରୁ ସୁପ୍ରିମ୍‌କୋର୍ଟ ଏକ ରାୟରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନୁପାଳନ କରିପାରିନାହିଁ। ଦେଶର ୧ନଂ. ସ୍ମାର୍ଟସିଟିରେ ଏଭଳି ସ୍ଥିତି ଓ ବାରମ୍ବାର ଜୀବନ ଯିବା ଘଟଣା ବିଏମ୍‌ସି ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ରାଜ୍ୟ ସରକାରଙ୍କ ବିକାଶଧାରାକୁ ମଧ୍ୟ ଅଙ୍ଗୁଳିନିର୍ଦ୍ଦେଶ କରୁଛି।

ଡ୍ରେନରେ ପଡ଼ି ଲୋକଙ୍କ ଜୀବନ ଯାଉଛି। ଏଥିପାଇଁ ସହରବାସୀ ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ଓ ପରିଚାଳନାଗତ ତ୍ରୁଟିକୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ ଅବଧି ଶେଷ ହେବାର ୩ବର୍ଷ ବିତିଯାଇଥିଲେ ବି ପୌର ନିର୍ବାଚନ ହୋଇନାହିଁ। ଜନତାଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଉପସ୍ଥାପିତ କରୁଥିବା କର୍ପୋରେଟରମାନଙ୍କ କାର୍ଯ୍ୟକାଳ ନ ଥିବାରୁ ସବୁ କ୍ଷମତା ଏବେ ଅଫିସରମାନଙ୍କ ହାତରେ। ସହରର ଅବ୍ୟବସ୍ଥିତ ଡ୍ରେନେଜ ସମସ୍ୟା ଏବେ ବଡ଼ ବିପଦ ପାଲଟିଛି। ଡ୍ରେନ୍ ନିର୍ମାଣ ଓ ମରାମତିରେ ମନମୁଖି କାର୍ଯ୍ୟ ଚାଲୁଥିଲେ ମଧ୍ୟ କହିବାକୁ କେହିନାହାନ୍ତି। ଅଭିଯୋଗ ଆସିଲେ କିମ୍ବା ଗଣମାଧ୍ୟମରେ ସମସ୍ୟା ନେଇ ଖବର ପ୍ରକାଶ ପାଇଲେ, ଅଧିକାରୀ କିଛି ସମୟ ପାଇଁ ତତ୍ପରତା ଦେଖାଇ ପୁଣି ଚୁପ୍ ରହିଯାଉଛନ୍ତି। ଫଳରେ ସ୍ମାର୍ଟସିଟିରେ ଡ୍ରେନେଜ ସମସ୍ୟା ବଢ଼ି ଚାଲିଛି।

ସହରରେ ୧୦ଟି ମୁଖ୍ୟ ଡ୍ରେନ୍ ରହିଥିବାବେଳେ ଏକାଧିକ ଶାଖା ନାଳ ରହିଛି। ପ୍ରତିବର୍ଷ ନୂଆ ଡ୍ରେନ୍ ନିର୍ମାଣ, ପୁନରୁଦ୍ଧାର ଓ ମରାମତି ବାବଦକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଖରା କିମ୍ବା ଶୀତ ଦିନେ ଡ୍ରେନ୍ କାମ ନ ହୋଇ ବର୍ଷା ଆରମ୍ଭରୁ ହିଁ ଅଧିକ କାମ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷା ଆଳରେ ଅଧିକାଂଶ ଡ୍ରେନ ଅଧାପନ୍ତରିଆ ସହ ମୁକୁଳା ପକାଇ ଠିକାଦାର ଚାଲିଯାଉଛନ୍ତି। ପୁଣି ନିର୍ମାଣ ସାମଗ୍ରୀ ଉଠାଯାଉ ନ ଥିବାରୁ ନିଷ୍କାସନ ବାଟ ବନ୍ଦ ହେଉଛି। ଅସରାଏ ବର୍ଷା ହେଲେ ଡ୍ରେନ, ରାସ୍ତା ସବୁ ଏକାକାର ହୋଇ ପଡୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ଟେଣ୍ଡର ପ୍ରକ୍ରିୟା ସରି ଏବେ ସହରରେ ଡ୍ରେନ୍ କାମ ଚାଲିଛି। କେଉଁ ଡ୍ରେନ୍‌ର କାମ କେତେ ତାରିଖ ସୁଦ୍ଧା ସରିବ ତାହାର ତାଲିକା ଡ୍ରେନେଜ୍ ମୁଖ୍ୟଙ୍କ ପାଖରେ ରହିଛି। ବର୍ଷାଦିନରେ ଡ୍ରେନ୍ କାମ କାହିଁକି ହେଉଛି ତାହା ଇଞ୍ଜିନିୟରିଂ ବିଭାଗରୁ ତଥ୍ୟ ନେଲେ ଜଣାପଡିବ। ମୋ ପାଖରେ ସେପରି କୌଣସି ତଥ୍ୟ ନାହିଁ ବୋଲି ଅତିରିକ୍ତ କମିଶନର କହିଛନ୍ତି।

## ବିଏମ୍‌ସି କମିଶନରଙ୍କ ନାଁରେ ଏତଲା

ଡ୍ରେନରେ ଭାସି ଯାଇ ଛାତ୍ର ନିଖୋଜ ଘଟଣାରେ ଖୋର୍ଦ୍ଧା ଜିଲା ଭାଜପା ସଭାପତି ବାବୁ ସିଂ ବିଏମ୍‌ସିକୁ ଦାୟୀ କରିଛନ୍ତି। ଏନେଇ ସେ ଖଣ୍ଡଗିରି ଥାନାରେ ବିଏମ୍‌ସି କମିଶନର ସଞ୍ଜୟ ସିଂଙ୍କ ନାମରେ ଏତଲା ଦେଇଛନ୍ତି। ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଶିରିପୁର ବ୍ୟାଙ୍କ କଲୋନୀର ଖୋଲା ଡ୍ରେନ୍‌କୁ ବିପଦ ଶଙ୍କୁଳ ଅବସ୍ଥାରେ ଅର୍ଦ୍ଧନିର୍ମିତ ରଖି ବିଏମ୍‌ସି କର୍ତ୍ତୃପକ୍ଷ ନିଶ୍ଚିନ୍ତରେ ଶୋଇପଡିଛନ୍ତି। ଏହି ଦୁର୍ଘଟଣା ପାଇଁ ବିଏମ୍‌ସି କମିଶର ହିଁ ସମ୍ପୂର୍ଣ୍ଣ ଦାୟୀ। ତେଣୁ ତୁରନ୍ତ ତାଙ୍କ ବିରୋଧରେ ମାମଲା ରୁଜୁ ସହ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏଥିସହିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗିରଫ କରାଯାଉ ବୋଲି ସେ ଦାବି ରଖିଛନ୍ତି।



କମିଶନରଙ୍କ ନାଁରେ ଏତଲା ଦେବାକୁ ଆସିଥିବା ଭାଜପା ନେତାମାନେ।

### ■ ପ୍ରଶାସନର ଦାୟିତ୍ୱହୀନତା



"ସଂସ୍କୃତ ସାର୍‌ଙ୍କ ପାଖକୁ ପ୍ରୋଜେକ୍ଟ ରିପୋର୍ଟ ନେବାକୁ ଯାଇଥିଲା। ମୁଁ ଘରେ ପହଞ୍ଚି ପୁଅ କଥା ପଚାରିବାରୁ ସେ ଟ୍ୟୁଶନ ସାର୍‌ଙ୍କ ପାଖକୁ ଯାଇଛି ବୋଲି କହିଲେ। ଏହାପରେ ମୁଁ ଖାଇ ବସିଥିବାବେଳେ ୨ଜଣ ପିଲା ଆସି କହିଲେ, ତମ ପୁଅ ପାଣିରେ ଭାସିଯାଇଛି। ପ୍ରଶାସନର ଦାୟିତ୍ୱହୀନତା ପାଇଁ ଏପରି ଅଘଟଣ ଘଟିଗଲା।

**-ହୃଷୀକେଶ ବେହେରା, ଜ୍ୟୋତି ପ୍ରକାଶଙ୍କ ବାପା**

### ■ ମାଲକାନଗିରି ଅବସ୍ଥା ଆହୁରି ଭଲ

"ସ୍ମାର୍ଟ ସିଟି ଯୋଜନା ଏକ ପ୍ରହସନ। ୨୧ବର୍ଷ ନବୀନ ସରକାରରେ ଭୁବନେଶ୍ୱରର ଚିତ୍ର ଅତି ଦୟନୀୟ। ଭୁବନେଶ୍ୱରଠାରୁ ମାଲକାନଗିରିର ଅବସ୍ଥା ଆହୁରି ଭଲ ରହିଛି। ରାଜଧାନୀ ବିକାଶର ଅର୍ଥ ସବୁ ନବୀନ ସରକାର ହରିଲୁଟ କରିନେବା ଫଳରେ ଆଜି ଭୁବନେଶ୍ୱର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଡ୍ରେନ୍ ଖୋଲାମେଲା ରହୁଥିବାରୁ ଲୋକଙ୍କ ଜୀବନ ଯାଉଛି, ସେଥିପାଇଁ ନବୀନ ସରକାର ଦାୟୀ।

**- ସୁରେଶ କୁମାର ରାଉତରାୟ, କଂଗ୍ରେସ ବିଧାୟକ**

### ■ କାମ ଲୋକଦେଖାଣିଆ, ଖର୍ଚ୍ଚ କୋଟି କୋଟି

"ବିଏମ୍‌ସି ସ୍ମାର୍ଟ ସିଟି ନାମରେ ବାହା ବା ନେଉଛି। ଅନେକ ପୁରସ୍କାର ହାତଉଛି। ପ୍ରଥମେ ସୁରକ୍ଷା, ପରେ ସହରର ସାଜସଜ୍ଜା ବା ସୌନ୍ଦର୍ଯ୍ୟକରଣ। ମାତ୍ର ସହରବାସୀଙ୍କ ଜୀବନ କିପରି ସୁରକ୍ଷିତ ରହିପାରିବ ସେ ନେଇ ବିଏମ୍‌ସି ଦୃଷ୍ଟି ଦେଉନାହିଁ। କେବଳ ଲୋକଦେଖାଣିଆ କାମ କରି ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛି। ବିଏମ୍‌ସିର ଏପରି ମନୋଭାବ ପାଇଁ ବାରମ୍ବାର ଏଭଳି ଅଘଟଣ ଘଟୁଛି।

- ରାଘବ ଚନ୍ଦ୍ର ସେଠୀ, ଶିକ୍ଷକ

### ■ ରାସ୍ତାରେ ଆମେ ତାଲା ପକାଇ ପାରିବୁନି



"ଘଟଣା ପାଇଁ କେବଳ ବିଏମ୍‌ସିକୁ ଦୋଷ ଦେଲେ ହେବ ନାହିଁ। ଲୋକମାନେ ମଧ୍ୟ ସଚେତନ ହେବା ଜରୁରୀ। ଏତେ ବର୍ଷା ସମୟରେ କେହି ବାହାରକୁ ବାହାରିବାର ନ ଥିଲା। ପ୍ରବଳ ବର୍ଷା ହେବ ବୋଲି ଏସ୍‌ଆର୍‌ସିଙ୍କ ତରଫରୁ ସୂଚନା ଦିଆଯାଇଛି। ଟିଭି, ମିଡିଆ ସବୁଥିରେ ଆମେ ସତର୍କ ସୂଚନା ଦେଉଛୁ। ତେଣୁ ଏ ସମୟରେ ଏଭଳି ଦୁଃସାହସିକ କାର୍ଯ୍ୟ କରିବାର ନ ଥିଲା। ଅଧଘଣ୍ଟା ଛିଡ଼ାହୋଇ ପଡ଼ିଥିଲେ ବି ଏହି ଅଘଟଣ ଘଟି ନ ଥାନ୍ତା। ଏବେ କ୍ଲାସ ସେପରି ଭାବେ ଚାଲୁନାହିଁ। ତେଣୁ ଏବେ ଜରୁରୀ ନ ଥିଲା ବାହାରକୁ ଯିବା ପାଇଁ। ଯେଉଁ ଡ୍ରେନ୍‌ରେ ପିଲାଟି ଭାସିଯାଇଛି ତାହା ସହରର ୧୦ଟି ମୁଖ୍ୟ ଡ୍ରେନ୍ ଭିତରୁ ୮ ନମ୍ବର। ଏତେ ବଡ଼ ଡ୍ରେନ୍‌କୁ ସ୍ଲାବ୍ ପକାଇ କଭର କରିବା କେଉଁଠାରେ ନିୟମ ନାହିଁ। ଗାଁର ଡ୍ରେନ୍ କିମ୍ବା ରାସ୍ତାକଡ଼ ଡ୍ରେନ କଭର ହେବ। ବିଏମ୍‌ସି ତ ଘରେ ଘରେ ଯାଇ କହିବ ନାହିଁ କି ବର୍ଷାରେ ବାହାରକୁ ଯାଆନ୍ତୁ ନାହିଁ ବୋଲି। ରାସ୍ତାରେ ତ ଆମେ ଆଉ ତାଲା ପକାଇ ପାରିବୁନି। ଏଭଳି ଅଘଟଣ ନ ହେବା ପାଇଁ ଆମେ ଲୋକଙ୍କୁ ସଚେତନ କରାଇ ପାରିବୁ।

**- ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର, ବିଏମ୍‌ସି**

## ଛାତ୍ର କଂଗ୍ରେସର ରାସ୍ତାରୋକୋ



ଘଟଣା ପରେ ଆନ୍ଦୋଳନକୁ ଓହ୍ଲାଇଥିଲା ଛାତ୍ର କଂଗ୍ରେସ। ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଜାଗମରା ନୂଆ ରୋଡ୍‌ଠାରେ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ନିଖୋଜ ଛାତ୍ରଙ୍କ ପରିବାରକୁ ସରକାର ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ ଛାତ୍ର ନେତା। ନୱାଜ କହିଥିଲେ, ଯାଜପୁର, ଭଦ୍ରକ, ବାଲେଶ୍ୱର ଭଳି ଭୁବନେଶ୍ୱରରେ ମଧ୍ୟ ବର୍ଷାରେ ମୁଖ୍ୟ ରାସ୍ତାରେ ବନ୍ୟା ସୃଷ୍ଟି ହେଉଛି। ଡ୍ରେନ୍‌ଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ଖୋଲା ରହିବା ଫଳରେ ଛୋଟପିଲା ଓ ବଡ଼ଲୋକ ଡ୍ରେନରେ ପଡ଼ି ପାଣିସୁଅରେ ଭାସିଯାଉଛନ୍ତି। ସରକାରଙ୍କୁ ବାରମ୍ବାର ଚେତେଇଲେ ବି ପ୍ରତିବର୍ଷ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ବିଏମ୍‌ସି, ବିଡିଏ ଓ ସ୍ମାର୍ଟସିଟି ଲିମିଟେଡ୍ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛନ୍ତି। ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଘଟଣା ପାଇଁ ନବୀନ ସରକାର ଦାୟୀ ବୋଲି କହିଛନ୍ତି। ପ୍ରକାଶ ମିଶ୍ର, ରଞ୍ଜିତ ପାତ୍ର, ଆଲୋକ ଲେଙ୍କା, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, ନୀହାର ବେହେରା, ବାଦଲ ମହାନ୍ତି ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।

### ମା' ହାତରୁ ଖସି ଭାସିଯାଇଥିଲା ପୁଅ

୨୦୧୫ ଅଗଷ୍ଟ ୨୫ରେ ନୟାପଲ୍ଲୀ ଥାନା ମମ୍‌ତାଜ୍ ଅଲ୍ଲୀ ସ୍କୁଲରେ ପଢୁଥିବା ୪ର୍ଥ ଶ୍ରେଣୀର ଛାତ୍ର ପୁପୁନ ବିଶ୍ୱାଳ ଟ୍ୟୁଶନ ଯାଇଥିଲେ। ପ୍ରବଳ ବର୍ଷା ହେବା ପରେ ପୁପୁନଙ୍କୁ ଆଣିବା ଲାଗି ତାଙ୍କ ମା' ରାଣୀ ଅପରାହ୍ନରେ ଟ୍ୟୁଶନ ସାରଙ୍କ ଘରକୁ ଯାଇଥିଲେ। ପ୍ରବଳ ବର୍ଷା ଯୋଗୁ ମମ୍‌ତାଜ ସ୍କୁଲ ନିକଟ ରାସ୍ତା ପାର୍ଶ୍ୱରେ ଯାଇଥିବା ମୁକୁଳା ଡ୍ରେନ୍ ସମ୍ପୂର୍ଣ୍ଣ ଭାବେ ବୁଡ଼ିଯାଇଥିଲା। ଉଭୟେ ଡ୍ରେନ୍ ପାର ହେବାବେଳେ ପୁପୁନଙ୍କ ହାତ ତାଙ୍କ ମା'ଙ୍କ ହାତରୁ ଖସି ଯାଇଥିଲା। ଫଳରେ ସେ ଡ୍ରେନର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନେବାପରେ ଡାକ୍ତର ପୁପୁନଙ୍କୁ ମୃତ ଘୋଷଣା କରିଥିଲେ।

### ସ୍ତ୍ରୀଙ୍କ ଆଗରେ ଭାସିଯାଇଥିଲେ ସ୍ୱାମୀ

୨୦୧୮ ଅଗଷ୍ଟ ୧୩ରେ ଭୁବନେଶ୍ୱରରେ ପ୍ରବଳ ବର୍ଷା ହେବା ଫଳରେ ଡ୍ରେନରେ ପ୍ରଖର ସ୍ରୋତରେ ପାଣି ବୋହୁଥିଲା। ୟୁନିଟ-୬ ପିଟୁକୋଳି ବସ୍ତିର ହରିହର ପଟ୍ଟନାୟକ(୫୫) ବନଦୁର୍ଗା ମନ୍ଦିର ଛକରେ ତାଙ୍କ ସ୍ତ୍ରୀଙ୍କ ସହ ଠିଆ ହୋଇଥିଲେ। ଏହି ସମୟରେ ହରିହରଙ୍କ ଗୋଡ ଖସିଯିବାରୁ ସ୍ତ୍ରୀଙ୍କ ଆଗରେ ସେ ଡ୍ରେନରେ ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରି ତାଙ୍କୁ ଗଙ୍ଗନଗର ଛକ ନିକଟ ଡ୍ରେନରୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା।

### ବୃଦ୍ଧାଙ୍କୁ ୨୦୦ ମିଟର ଟାଣି ନେଇଥିଲା ମୁକୁଳା ଡ୍ରେନ୍‌ର ପାଣି

୨୦୧୯ ଜୁଲାଇ ୨୫ ଅପରାହ୍ନରେ ନୟାପଲ୍ଲୀ ଥାନା ସାଲିଆ ସାହିରେ ରହୁଥିବା ଟି. ଆକାଂକ୍ଷା(୬୦) ସ୍ୱାମୀଙ୍କ ସହ ରାଶନ ଚାଉଳ ଆଣିବାକୁ ଡିଲର ପାଖକୁ ଯାଇଥିଲେ। ପ୍ରବଳ ବର୍ଷା ହେବାରୁ ସେମାନେ ଏକ ଦୋକାନରେ ରହି ରାତି ୮ଟା ୧୫ରେ ଘରକୁ ଫେରୁଥିଲେ। ଜୟଦେବ ବିହାର ଭିଲ୍ଲା ଛକରେ ବର୍ଷା ପାଣିର ସ୍ରୋତ ମୁକୁଳା ଡ୍ରେନକୁ ଚାଲୁଥିଲା। ଟି. ଆକାଂକ୍ଷା ଭାରସାମ୍ୟ ହରାଇ ପଡ଼ିଯିବାରୁ ପାଣି ସୁଅରେ ଭାସି ଡ୍ରେନ ଭିତରକୁ ପଶି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଖୋଜା ଖୋଜି କରି ତାଙ୍କୁ ପାଇ ନ ଥିଲେ। ଏକ ଘଣ୍ଟା ପରେ ପାଣି କମିଯିବା ପରେ ଘଟଣାସ୍ଥଳଠାରୁ ୨୦୦ ମିଟର ଦୂରରେ ଡ୍ରେନ୍ ଭିତରେ ଏକ ସ୍ଥାନରେ ଟି. ଆକାଂକ୍ଷାଙ୍କୁ ମୃତଦେହ ଠାବ ହୋଇଥିଲା।

### ନୋଟାରି, ଓକିଲଙ୍କ ସମେତ ୩ ଜେଲ ଗଲେ

#### ଅତିରିକ୍ତ ତହସିଲଦାରଙ୍କ ଅର୍ଡର ଜାଲିଆତି ଘଟଣା

**ପୁରୁଷୋତ୍ତମପୁର,୧୯।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାରଙ୍କ ଦସ୍ତଖତ ଜାଲ୍ କରି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁରରେ କାର୍ଯ୍ୟ କରୁଥିବା ନୋଟାରି ସୀମାଞ୍ଚଳ ସେଠୀ, ଓକିଲ ରାମଚନ୍ଦ୍ର ଆଚାର୍ଯ୍ୟ ଓ ମହେନ୍ଦ୍ର ବେହେରା। ମାମଲା ନଂ.୪୧୭/୨୧ ପ୍ରକାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାଲିଆତି କାର୍ଯ୍ୟରେ ବ୍ୟବହୃତ କମ୍ପ୍ୟୁଟର, ସିପିୟୁ, ପ୍ରିଣ୍ଟର ଓ ଜାଲ ରେକର୍ଡପତ୍ର ଜବତ କରାଯାଇଥିବା ପୁରୁଷୋତ୍ତମପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସୁନିଲ୍ କୁମାର ଟୁଡୁଙ୍କ କୋର୍ଟ ଅର୍ଡରକୁ ଜାଲ୍ କରି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ ହେବା ଘଟଣା ଗତ ଜୁନରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ତହସିଲଦାର ନିତିଶ କୁମାର ତ୍ରିପାଠୀ ତତ୍ପରତା ପ୍ରକାଶ କରି କାର୍ଯ୍ୟାଳୟର କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ତଦନ୍ତ କରିଥିଲେ। ଜାଲିଆତି ହୋଇଥିବା ପ୍ରମାଣ ମିଳିବା ପରେ ଅତିରିକ୍ତ ତହସିଲଦାର ଗତ ୮ ତାରିଖରେ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଏହି ବେଆଇନ କାର୍ଯ୍ୟରେ ପୋଲିସ ୩ ଜଣଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ପଞ୍ଚଭୂତରେ ଲୀନ ହେଲେ ମନୋରମା

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ପୁରୀ ଅଫିସ, ୧୯।୯

ସୁସାହିତ୍ୟିକା ତଥା 'ସମାଜ'ର ପୂର୍ବତନ ସମ୍ପାଦିକା ଡ. ମନୋରମା ମହାପାତ୍ରଙ୍କ ଶେଷକୃତ୍ୟ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ପ୍ରଦୀପ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ମହାପାତ୍ରଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜିଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଏହି ଅବସରରେ ସ୍ୱର୍ଗତା ମହାପାତ୍ରଙ୍କ ଝିଅ ସୁଚିସ୍ମିତା ମିଶ୍ର, ଜାମାତା ଅରୁଣ ମିଶ୍ରଙ୍କ ସମେତ ଶୈଳରାଣୀ ମିଶ୍ର ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଡ. ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଦୁଇଦିନ ତଳେ ତାଙ୍କୁ କଟକସ୍ଥିତ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ।



ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତା ମନୋରମା ମହାପାତ୍ରଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।




ସୁସାହିତ୍ୟିକା ମନୋରମା ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଆଜିଠୁ ଆରମ୍ଭ ପିପିଲି ଉପନିର୍ବାଚନ ପ୍ରଚାର

ଭୁବନେଶ୍ୱର,୧୯।୯(ବ୍ୟୁରୋ)

ଆସନ୍ତା ୩୦ରେ ହେବାକୁ ଥିବା ପିପିଲି ଉପନିର୍ବାଚନ ପାଇଁ ସୋମବାରଠାରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ ହେବ। ପ୍ରଚାର ପୂର୍ବରୁ ସବୁ ଦଳ କର୍ମୀ ସମ୍ମିଳନୀ ଉପରେ ଜୋର୍ ଦେଇଛନ୍ତି। ସୋମବାରଠାରୁ ପ୍ରଚାର ପାଇଁ ୭ ଦିନ ମିଳିବ। ରୋଡ ଶୋ', ସାଇକେଲ ଶୋଭାଯାତ୍ରା, ମୋଟର ସାଇକେଲ ରାଲିକୁ ଅନୁମତି ଦିଆଯାଇ ନାହିଁ। ୨୦୦ ଜଣ ଲୋକଙ୍କ ମଧ୍ୟରେ ଇନ୍‌ଡୋର ସଭା ଏବଂ ଖୋଲା ପଡିଆରେ ୧୦୦୦ ଜଣଙ୍କ ମଧ୍ୟରେ ପ୍ରଚାର ସଭା ଆୟୋଜନ କରିହେବ। ଇତିମଧ୍ୟରେ ୩ ଟି ପ୍ରମୁଖ ଦଳ ପକ୍ଷରୁ କରୋନା ନିୟମାବଳୀକୁ ଦୃଷ୍ଟିରେ ୨୦ ଜଣ ତାରକା ପ୍ରଚାରକ ତାଲିକା ପ୍ରକାଶ କରିଛନ୍ତି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ, ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ସୁଶାନ୍ତ ସିଂହ ଓ ତୁଷାରକାନ୍ତି ବେହେରା ଆଦି ପ୍ରମୁଖ ବିଜେଡି ଦଳ ତାରକା ପ୍ରଚାରକ ଦାୟିତ୍ୱରେ ରହିଛନ୍ତି। ଭାଜପା ଦଳରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ସଂସାଦ ଅପରାଜିତା ଷଡ଼ଙ୍ଗୀ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଆଦି ପ୍ରମୁଖ ତାରକା ପ୍ରଚାରକ ରହିଛନ୍ତି। ସେହିପରି କଂଗ୍ରେସ ଦଳରେ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର, ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ସଂସାଦ ସପ୍ତଗିରି ଉଲାକା ଆଦି ତାରକା ପ୍ରଚାରକ ଦାୟିତ୍ୱ ତୁଲାଉଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଯୁବକ ମୃତ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ବେଗୁନିଆପଡ଼ା,୧୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା କୋଦଳା ଏନ୍‌ଏସି ଅନ୍ତର୍ଗତ ଖଦାଳ ସାହିରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଖଣ୍ଡାରେ ହାଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଖଦାଳ ସାହିର କାଳୁ ଦାଶ (୪୨)। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗ୍ରାମର ଗୋଟିଏ ଗୋଷ୍ଠୀ ପୋଲିସ ଉପସ୍ଥିତିରେ ଅଭିଯୁକ୍ତମାନଙ୍କ ୩ ଘର ଜାଳି ଦେବା ସହ ୪ ବାଇକ୍ ଭଙ୍ଗାରୁଜା କରିଛନ୍ତି। ଏଥିପାଇଁ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି।

କୋଦଳା ଏନ୍‌ଏସି ଅନ୍ତର୍ଗତ ଖଦାଳ ସାହିରେ ଗତ କିଛି ଦିନ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗି ରହିଥିଲା। ରବିବାର ସକାଳେ କାଳୁ ମଟନ ଦୋକାନରୁ ଫେରିବା ବେଳେ ଅପର ଗୋଷ୍ଠୀର କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଚ ରାସ୍ତାରେ ଖଣ୍ଡାରେ ଓ ଲୁହା ରଡ଼ ସାହାଯ୍ୟରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କାଳୁଙ୍କ ମୃତ୍ୟୁ ଘଟିଥିଲା। କାଳୁଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। କାଳୁଙ୍କୁ ହତ୍ୟାପରେ ଲୋକେ ଅଭିଯୁକ୍ତଙ୍କ ୩ ଘରେ ନିଆଁଲଗାଇ ଦେବା ସହ ରାସ୍ତା ଅବରୋଧ କରିଥିଲେ। କୋଦଳା ପୋଲିସ୍, ଗଞ୍ଜାମ ଅତିରିକ୍ତ ଜିଲାପାଳ, ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଲା ପରେ ରାସ୍ତାରୋକୋ ହଟିଥିଲା। କୋଦଳା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାରୀଙ୍କୁ ଫାଶି ଦଣ୍ଡ ଦେବା ଲାଗି ମୃତକ ପରିବାର ଲୋକେ ଦାବି କରିଛନ୍ତି।

**ବସ୍‌ରେ ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ**

ପୁରୁଣା ଭୁବନେଶ୍ୱର, (ଡି.ଏନ.ଏ.): ଲିଙ୍ଗରାଜ ମନ୍ଦିର ଉତ୍ତରଦ୍ୱାର ଯାତ୍ରୀ ନିବାସ ନିକଟ ପାର୍କିଂ ସ୍ଥଳରେ ରବିବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଏକ ଟୁରିଷ୍ଟ ବସରେ ନିଆଁ ଲାଗିଯାଇଥିଲା। ପରେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଅଘଟଣରୁ ୫୦ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ବସର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। କୋଲକାତା ୨୪ ପ୍ରଗଣାରୁ ଏକ ଟୁରିଷ୍ଟ ବସ୍ ପ୍ରାୟ ୫୦ ଯାତ୍ରୀଙ୍କୁ ନେଇ ଲିଙ୍ଗରାଜ ମନ୍ଦିର ବୁଲିବାକୁ ଆସିଥିଲା। ଲିଙ୍ଗରାଜ ମନ୍ଦିର ଉତ୍ତରଦ୍ୱାର ଯାତ୍ରୀ ନିବାସ ନିକଟ ପାର୍କିଂ ସ୍ଥଳରେ ବସ ଚାଳକ ଗାଡ଼ି ବୁଲାଇଥିବା ବେଳେ ଗାଡିଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ପରେ ଡ୍ରାଇଭରର ଉପସ୍ଥିତି ବୁଦ୍ଧି ଯୋଗୁ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଛାତ୍ର ଭାସିଯିବା ଘଟଣାକୁ ନେଇ ଜିଲା ଭାଜପା ପକ୍ଷରୁ ଧାରଣା, ବିଏମ୍‌ସି ସମ୍ମୁଖରେ, ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ଏସ୍‌ସିଏସ୍‌ଟିର ବିଭିନ୍ନ ସମସ୍ୟା ଉପରେ ଖବରଦାତା ସମ୍ମିଳନୀ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା।
- ପାରାଲିମ୍ପିକ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ ଓ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା, ଇଣ୍ଟରନ୍ୟାଶନାଲ ଚେସ୍ ହଲ, କିଟ୍ କ୍ୟାମ୍ପସ-୧୫, ମଧ୍ୟାହ୍ନ ୧୨ଟା।
- ଦି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କୋଅପରେଶନ(ଓଏଆଇସି) ପକ୍ଷରୁ ଦକ୍ଷତା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ ଓ ଓଏଆଇସିର ୱେବସାଇଟ ଉନ୍ମୋଚନ, କୃଷି ଭବନ ଅଡିଟୋରିୟମ, ଅପରାହ୍ନ ୩ଟା।

# ବର୍ଷାରେ ଭିଜି ଗ୍ରାମବାସୀଙ୍କ ରାସ୍ତା ଅବରୋଧ

- ଜଳ ନିଷ୍କାସନ ନେଇ ଦାବି କରିଥିଲେ
- ପ୍ରତିଶ୍ରୁତି ଦେଇ ପ୍ରଶାସନ ଚୁପ୍ ରହିଯାଇଥିଲା

ବାରଙ୍ଗ,୧୯।୯ (ଡି.ଏନ୍.ଏ.)

ଜଳ ନିଷ୍କାସନ ପାଇଁ ଅଭିଯୋଗ କରି ନ ଶୁଣିବାରୁ ଶେଷରେ ଗ୍ରାମବାସୀ ରାସ୍ତାରେ ବସିଲେ। ତହସିଲ ପ୍ରଶାସନ ପ୍ରତିଶ୍ରୁତି ଦେଇ ଦାବି ପୂରଣ ନ କରିବା ପ୍ରତିବାଦରେ ବାରଙ୍ଗସ୍ଥିତ ତ୍ରିଶୂଳିଆ ଗ୍ରାମବାସୀ ରବିବାର ବର୍ଷାରେ ଭିଜି ୨ଘଣ୍ଟା ବାରଙ୍ଗ-କଟକ ମୁଖ୍ୟରାସ୍ତାର ତ୍ରିଶୂଳିଆ ଛକରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଜଳ ନିଷ୍କାସନରେ ବାଧକ ସାଜିଥିବା ଜାଗାକୁ ତତ୍‌କ୍ଷଣାତ ସଫା କରାଯିବା ପରେ ରାସ୍ତାରୁ ଗ୍ରାମବାସୀ ଉଠିଥିଲେ।

ପ୍ରକାଶ ଯେ, ଲଘୁଚାପଜନିତ ଲଗାଣ ବର୍ଷା ହେଉଥିବାରୁ କୁହ୍ନେଇପଡ଼ା ପଞ୍ଚାୟତର ତ୍ରିଶୂଳିଆ ଅଞ୍ଚଳର ଲୋକେ ଜଳବନ୍ଦୀରେ ରହୁଥିଲେ। ଏ ନେଇ ଗ୍ରାମବାସୀ ବାରଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଦୀର୍ଘ ସମୟ ବସିବା ପରେ ବାରଙ୍ଗ ତହସିଲଦାର ସଂକଳ୍ପସ୍ୱସ୍ତିକ ସାହୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସାମାନ୍ୟ ବର୍ଷାରେ ଗ୍ରାମରେ ପାଣି ରହିବା ସହ ଘର ଭିତରକୁ ପାଣି ପଶୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଜଳନିଷ୍କାସନ ଜାଗାକୁ ଅବରୋଧ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଥିବା କହିବା ସହ ତୁରନ୍ତ ଜବରଦଖଲ ଜାଗାକୁ ସଫାକରି ବର୍ଷାଜଳ ନିଷ୍କାସନ କରିବାକୁ ଦାବି କରିଥିଲେ। ଶନିବାର ଗ୍ରାମବାସୀଙ୍କ ସହଯୋଗରେ ଜବରଦଖଲ ଜାଗାକୁ ମୁକ୍ତ କରାଯିବାର ତହସିଲ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଶନିବାର ତହସିଲ ପକ୍ଷରୁ କୌଣସି ଉଦ୍ୟମ କରାଯାଇ ନ ଥିଲା। ଅନ୍ୟପଟେ ଶନିବାର ପୁଣି ବର୍ଷା ହେବାରୁ ତ୍ରିଶୂଳିଆ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା। ଫଳରେ ଗ୍ରାମବାସୀ ରବିବାର ତ୍ରିଶୂଳିଆ ଛକରେ ବାରଙ୍ଗ-କଟକ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଜରୁରିକାଳୀନ ଗାଡ଼ି ବ୍ୟତୀତ ଅନ୍ୟ କାହାରିକୁ ଛାଡି ନ ଥିଲେ। ଫଳରେ ଯାତାୟାତରେ ବାଧକ ସୃଷ୍ଟି ହୋଇଥିଲା। ଜୋନ-୪ ଏସିପି ଚନ୍ଦନ କୁମାର ଘଡେଇ, ବାରଙ୍ଗ ଥାନାଧିକାରୀ ଆକାଶଚନ୍ଦ୍ର ରଣା ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ପରେ ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡା, ତହସିଲଦାର ସଂକଳ୍ପସ୍ୱସ୍ତିକ ସାହୁ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁ, ଆଇଆଇ ସତ୍ୟପ୍ରକାଶ ନାୟକ ପ୍ରମୁଖ ଘଟଣାସ୍ଥଳକୁ ଆସି ତୁରନ୍ତ ଜଳନିଷ୍କାସନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଜେସିବି ଲଗାଯାଇ ଜବରଦଖଲ ସ୍ଥାନକୁ ସଫା କରି ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇଥିଲା।


ଜଳ ନିଷ୍କାସନ ଦାବି ନେଇ ତ୍ରିଶୂଳିଆ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।


ବାରିଷ୍ଟର ବିଶ୍ୱନାଥଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ରବିବାର ରାଜଭବନ ନିକଟ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

## ବିଶ୍ୱନାଥ ମିଶ୍ର ଦକ୍ଷ ଆଇନଜୀବୀ ଥିଲେ

**୨ଜଣଙ୍କୁ 'ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନ'**

ଭୁବନେଶ୍ୱର, ୧୯।୯ (ବ୍ୟୁରୋ)

ଓଡ଼ିଶାର ପ୍ରଥମ ବାରିଷ୍ଟର, ବିଶିଷ୍ଟ ସମାଜ ସଂସ୍କାରକ, ତଥା ଦକ୍ଷ ବ୍ୟବସ୍ଥାପକ ଉତ୍କଳରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରାଜଭବନ ନିକଟ ପ୍ରତିମୂର୍ତ୍ତିସ୍ଥଳରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଲୌହମାନବ ବଲ୍ଲଭ ଭାଇ ପଟେଲ୍‌ଙ୍କ ସହପାଠୀ ଓଡ଼ିଶାର ପ୍ରଥମ ବାରିଷ୍ଟ ଭାବରେ ବିଶ୍ୱନାଥ ମିଶ୍ର ଜଣେ ଦକ୍ଷ ଆଇନଜୀବୀ ଥିଲେ। ଏହା ବ୍ୟତୀତ ଓଡ଼ିଆ ଭାଷାର ସୁରକ୍ଷା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେ ଅବିରତ ଉଦ୍ୟମ କରିଥିଲେ। କମ୍ ବୟସରେ ତାଙ୍କର ଅକାଳ ବିୟୋଗ ରାଜ୍ୟର ଅତୁଳନୀୟ କ୍ଷତି ସାଧନ କରିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବି. ମୁରଲୀଧର ଓ ବିଜୟ ପରିଡ଼ାଙ୍କୁ 'ବାରିଷ୍ଟର ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅସିତ ଦାସ, ବି. ମୁରଲୀଧର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରବି ନାରାୟଣ ନନ୍ଦ, ପ୍ରବୀର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୧୯।୯(ଡି.ଏନ୍.ଏ.): କଳାରାହାଙ୍ଗ ରେଳ ଫାଟକ ନିକଟ ରେଳ ଧାରଣାରୁ ରବିବାର ମଞ୍ଚେଶ୍ୱର ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପାଖରେ ପଡ଼ିଥିବା ଏକ ଟିକେଟ ମିଳିଛି। ଏ ନେଇ ନଂ.୫୧/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ମଞ୍ଚେଶ୍ୱର ରେଲୱେ ଫାଣ୍ଡି ଅଧିକାରୀ ନରେନ୍ଦ୍ର ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସକାଳ ୭.୩୦ ସମୟରେ କଳାରାହାଙ୍ଗ ରେଳ ଫାଟକ ନିକଟରେ ଲୋକେ ଯାଉଥିବା ସମୟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ତେବେ ପାଖରେ ପଡ଼ିଥିବା ଟିକେଟରେ ସିମାଲିଗୁଡ଼ିରୁ ବାଙ୍ଗାଲୋର ଯାଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ବାଙ୍ଗାଲୋର ଯାଉଥିବା ଏକ୍ସପ୍ରେସ ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି।


ଅନନ୍ତ ବ୍ରତ ପାଇଁ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖରେ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼।

## ଟ୍ରକ ଧକ୍କାରେ ଯୁବକ ମୃତ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଫୁଲନଖରା,୧୯।୯ (ଡି.ଏନ.ଏ.)

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକଠାରେ ରବିବାର ରାତି ପ୍ରାୟ ସାଢେ ୮ଟାରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଅଞ୍ଚଳର ମଙ୍ଗୁଳି ବେହେରା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ବାବଦକୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ, ରାସ୍ତା ମରାମତି ଓ ବାଲିକୁଦା ଛକରେ ଓଭରବ୍ରିଜ ନିର୍ମାଣ କାମ ତୁରନ୍ତ ଶେଷ କରିବା ଦାବିରେ ସ୍ଥାନୀୟ ଲୋକେ କଟକ-ଭୁବନେଶ୍ୱର ଜାତୀୟ ରାଜପଥକୁ ୨ ଘଣ୍ଟାକାଳ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ କଟକ ଡିସିପି ପ୍ରତୀକ୍ ସିଂ, କଟକ ସଦର ଥାନା ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାତି ପ୍ରାୟ ସାଢେ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗୁଳି ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବାବେଳେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି।

## 'ବିବାକ ବସୁଧା' ସହ ଦୁଇ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୧୯।୯ (ବ୍ୟୁରୋ): କବି ଭରତ ବେହେରାଙ୍କ କବିତା ପୁସ୍ତକ 'ବିବାକ ବସୁଧା' ଓ ଡ. ବିରଞ୍ଚି କୁମାର ସାହୁଙ୍କ ସମ୍ପାଦିତ 'ନିଖିଳ ଜୀବନବୋଧ ଓ ମାନବାତ୍ମାର କବି ଭରତ ବେହେରା' ପୁସ୍ତକ ଲୋକାର୍ପିତ ହୋଇଛି। କେଦାରନାଥ ଗବେଷଣାକେନ୍ଦ୍ରଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ କୁମାର ଶତପଥୀ ଉଦ୍‌ଘାଟକ, ଅଧାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି, ଡ. ଶରତ କୁମାର ଜେନା ମୁଖ୍ୟବକ୍ତା ଓ କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଜୀବନକୁ କବି ଯେଉଁ ଦୃଷ୍ଟିରେ ଦେଖିଛନ୍ତି ତାହା ଅଭିନନ୍ଦନୀୟ ବୋଲି ଅତିଥିମାନେ କହିଥିଲେ। ଉତ୍ସବକୁ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିବାବେଳେ ପ୍ରକାଶକ ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

**ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ**

ପୁରୁଣା ଭୁବନେଶ୍ୱର,୧୯।୯ (ଡି.ଏନ୍.ଏ.)

ପ୍ରତିବର୍ଷ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ ଧୂମଧାମରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ କୋଭିଡ୍ କଟକଣା ପାଇଁ ନିରାଡ଼ମ୍ବରରେ ପାଳନ କରାଯାଇଛି। ମନ୍ଦିର ଗର୍ଭଗୃହକୁ ଶ୍ରଦ୍ଧାଳୁଙ୍କୁ ଯିବା ପାଇଁ ବାରଣ ଥିବା ବେଳେ ମନ୍ଦିର ବାହାରୁ ଦର୍ଶନ କରିଥିଲେ। ଭୋର ୩ଟାରୁ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତି କରାଯାଇଥିଲା। ନୂଆମାର୍କେଟ କମ୍ପ୍ଲେକ୍ସ, ବିନ୍ଦୁସାଗର ଓ ତଳବଜାରଠାରେ ହୋଇଥିବା ବ୍ୟାରିକେଡ ନିକଟରେ ରହି ବ୍ରତଧାରୀମାନେ ଆଣିଥିବା ୧୪ପ୍ରକାର ଫୁଲ ଓ ୧୪ପ୍ରକାର ଫଳ ଭୋଗ ଡାଲାକୁ ଉପସ୍ଥିତ ପାଳିଆ ସେବାୟତଙ୍କୁ ଦେଇଥିଲେ। ଠାକୁରଙ୍କ ଠାରେ ଭୋଗ କରିବା ପରେ ଶ୍ରଦ୍ଧାଳୁଙ୍କୁ ଫେରାଇ ଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିର ବାହାରୁ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। କଟକଣା ଥିବାରୁ ଶ୍ରଦ୍ଧାଳୁମାନଙ୍କୁ ବ୍ୟାରିକେଡ୍ କରାଯାଇ ମନ୍ଦିରକୁ ଛଡ଼ାଯାଇ ନ ଥିବା ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ଶ୍ରଦ୍ଧାଳୁ ମମତା ସାହୁ କୁହନ୍ତି, କଟକଣା ପାଇଁ ମନ୍ଦିର ବାହାରୁ ଦର୍ଶନ କଲି। ପୋଲିସ ଓ ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ। ଶାନ୍ତିଶୃଙ୍ଖଳା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ, ଜଣେ ଇନ୍ସପେକ୍ଟର ଏବଂ ୪ଜଣ ଏସଆଇ ମୁତୟନ କରାଯାଇଥିଲା। ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ବିଶୋଇ କହିଛନ୍ତି।


କଟକଣା ଥିବାରୁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ବାହାରେ ରହି ଭକ୍ତି ଜଣାଉଛନ୍ତି।

## 'ବ୍ୟଙ୍ଗ, ରମ୍ୟ ରଚନା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ବିଭବ'


ଶ୍ରୀରାମଚନ୍ଦ୍ର ଭବନରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ ଅଫିସ,୧୯।୯

କଟକ ଶ୍ରୀରାମଚନ୍ଦ୍ର ଭବନରେ ବ୍ୟଙ୍ଗ ଗଳ୍ପ ସଂକଳନ 'ତୋଷାମଦ ଜିନ୍ଦାବାଦ'ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ବ୍ୟଙ୍ଗ ଓ ରମ୍ୟ ରଚନା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ଏହା ଅଧିକରୁ ଅଧିକ ବଳିଷ୍ଠ ହେବା ଆବଶ୍ୟକ। ସେହିପରି ବିଶିଷ୍ଟ ବ୍ୟଙ୍ଗକଥା ଶିଳ୍ପୀ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଯୋଗଦେଇ ବ୍ୟଙ୍ଗ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ ସାହିତ୍ୟିକ ରମାକାନ୍ତ ମିଶ୍ର, ଡ. କୁଳାଙ୍ଗାର, ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଲେଖିକା ପ୍ରଜ୍ଞା ଆଚାର୍ଯ୍ୟ, ଅଧାପକ କମଳ ମାହୁନ୍ତ, ଗାଳ୍ପିକ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ 'ସେବା ହିଁ ସମ୍ମାନ'


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଖବରଦାତାମାନେ।

ଭୁବନେଶ୍ୱର, ୧୯।୯ (ବ୍ୟୁରୋ)

ଶହୀଦ ସ୍ୱୋଟିଂ ପଡିଆସ୍ଥିତ ଦିଲୀପ ଟିର୍କୀ ଷ୍ଟାଡିୟମରେ ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଆମର ସାମାଜିକ ଦାୟିତ୍ୱବୋଧ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ହର ପ୍ରସନ୍ନ ଦାସ ଯୋଗଦେଇ ସାମାଜିକ ଦାୟିତ୍ୱବୋଧ ଉପରେ କହିଥିଲେ। ସେବା ଦ୍ୱାରା ହିଁ ଆମେ ସମସ୍ତଙ୍କ ପାଖରେ ପହଞ୍ଚିପାରିବା ଓ ସମ୍ପର୍କକୁ ଦୃଢ କରିପାରିବା ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଅକ୍ଷୟ ସାହୁ ସେବା ଓ ଦାୟିତ୍ୱବୋଧ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମାନବକଲ୍ୟାଣ ସେବାକାର୍ଯ୍ୟ ନିମନ୍ତେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତା ଓ ବ୍ୟକ୍ତିମାନଙ୍କୁ 'ସେବା ହିଁ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଉମାନାଥ ମିଶ୍ର, ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ଅଭିନନ୍ଦନ, ବିଦ୍ୟାନ୍ତ ଶେଖର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଜିବାକୁ ବସିଲାଣି ଭାଗବତ ଟୁଙ୍ଗି

- ଆଜି ଭାଗବତ ଦେବଙ୍କ ଜନ୍ମୋତ୍ସବ
- ଟୁଙ୍ଗି ପୁନରୁଦ୍ଧାର ଯୋଜନା ବାଟବଣା

ବେଗୁନିଆ,୧୯।୯(ଡି.ଏନ୍.ଏ.)

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ଶ୍ରୀମଦ୍ ଭାଗବତ ଦେବଙ୍କ ଜନ୍ମ। ହିନ୍ଦୁ ଧର୍ମର ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭାଗବତ। ତାଳପତ୍ର ପୋଥିରେ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥାବଳୀକୁ ପୂଜାର୍ଚ୍ଚନା ଓ ପାଠ କରାଯାଉଥିଲା। ସଞ୍ଜ ନଇଁଲେ ଗାଁ ଗହଳିରେ ରହିଥିବା ଭାଗବତ ଟୁଙ୍ଗିରେ ଭାଗବତର ପ୍ରଥମ ଛନ୍ଦ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ପଦ ଗୁଞ୍ଜରିତ ହେଉଥିଲା। ଶ୍ରଦ୍ଧାଳୁମାନେ ଏକାଠି ହେବା ସହ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବାନ୍ଧି ରଖୁଥିଲେ। ଏଥିସହ ଭାଗବତ ପଦ ଶୁଣି ଶ୍ରଦ୍ଧାଳୁମାନେ କ୍ଳାନ୍ତ ଦୂର କରୁଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଗାଁ ଗହଳିରେ ରହିଥିବା ଏହି ଭାଗବତ ଟୁଙ୍ଗି ହଜିବାକୁ ବସିଲାଣି। ଅନ୍ୟପଟେ ସରକାରଙ୍କ ପୁନରୁଦ୍ଧାର ଯୋଜନା ବାଟବଣା ଯୋଗୁ ଏହି ଟୁଙ୍ଗି ସତ୍ତା ହରାଇବାକୁ ବସିଛି।

ପ୍ରକାଶ ଯେ, ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଯୋଜନା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ବହି ଯୋଗାଇ ଦିଆଯିବ। ଅନ୍ୟାନ୍ୟ ଆନଷଙ୍ଗିକ ସହ ମାଇକ୍ ସେଟ୍ କିଣାଯିବ। ଏଥିସହ ନିର୍ଦ୍ଦେଶାବଳୀ ଲାଗୁ କରାଯାଇଥିଲା। ଏହାର ଦାୟିତ୍ୱ ଜିଲା ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଳକ ଅଞ୍ଚଳରେ ଥିବା ୧୬୨ଟି ଟୁଙ୍ଗି ମଧ୍ୟରୁ ୧୧୪ଟି ଟୁଙ୍ଗିର ପୁନରୁଦ୍ଧାର ପାଇଁ ଶ୍ରଦ୍ଧାଳୁମାନେ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ପରେ ୬ଟି ଟୁଙ୍ଗି ଚୟନ କରାଯାଇଥିଲା। ଟୁଙ୍ଗିର ସଭାପତି, ସମ୍ପାଦକ ଚୟନ କରାଯାଇ ବିଡିଓଙ୍କ ସହିତ ମିଳିତ ବ୍ୟାଙ୍କ ପାସ୍‌ବୁକ ଖୋଲିବାରେ ବହୁ ବିଳମ୍ବ ହୋଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୬ରେ ୬ଟି, ୨୦୧୭ରେ ୭ଟି ଏବଂ ୨୦୧୮ରେ ୧୦ଟି ଟୁଙ୍ଗିକୁ ସହାୟତା ଦାନ କରାଯାଇଥିଲା। ଏହା ପରେ ସରକାରଙ୍କ ଏହି ଯୋଜନା ଫାଇଲରେ ଡୋରି ବନ୍ଧା ହୋଇଛି। ଜିଲା ସଂସ୍କୃତି ବିଭାଗ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ରହିଥିଲେ ମଧ ଏହି ଯୋଜନା ବାଟବଣା ହୋଇପଡ଼ିଛି। ସରକାରଙ୍କ ଏହି ମହତ ଆଭିମୁଖ୍ୟକୁ ଅଣଦେଖା କରାଯାଉଛି ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପଣ୍ଡିତ ଅଖିଳେଶ ପ୍ରସାଦ ପଣ୍ଡା କହିଛନ୍ତି, ହିନ୍ଦୁ ଧର୍ମରେ ଭାଗବତ ପାଠର ଗୁରୁତ୍ୱ ରହିଛି। ଗାଁ ଗହଳିରେ ଭାଗବତ ଟୁଙ୍ଗି ସତ୍ତା ହରାଇ ବସିଛି। ଏହାର ପନରୁଦ୍ଧାର ଯୋଜନା ସ୍ୱାଗତ ଯୋଗ୍ୟ। ଉଚିତ୍ ମାର୍ଗରେ କାର୍ଯ୍ୟକାରୀ କରାଯାଉ। ଅନ୍ୟପକ୍ଷେ ଏନେଇ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, କରୋନା ପାଇଁ ଏହି ଯୋଜନା କାର୍ଯ୍ୟ ବନ୍ଦ ରହିଥିଲା। ଆବେଦନ କରିଥିବା ଟୁଙ୍ଗିର ସ୍ଥିତି ଅନୁଧ୍ୟାନ କରାଯାଇ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


କୋଲୁହାପାଟଣା ଗ୍ରାମରେ ଥିବା ଭାଗବତ ଟୁଙ୍ଗି।

## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୧୯।୯(ଡି.ଏନ୍.ଏ.)- କଳାରାହାଙ୍ଗ ରେଳ ଫାଟକ ନିକଟ ରେଳ ଧାରଣାରୁ ରବିବାର ମଞ୍ଚେଶର ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପାଖରେ ପଡ଼ିଥିବା ଏକ ଟିକେଟ ମିଳିଛି। ଏ ନେଇ ନଂ.୫୧/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ମଞ୍ଚେଶ୍ୱର ରେଲୱେ ଫାଣ୍ଡି ଅଧିକାରୀ ନରେନ୍ଦ୍ର ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସକାଳ ୭.୩୦ ସମୟରେ କଳାରାହାଙ୍ଗ ରେଳ ଫାଟକ ନିକଟରେ ଲୋକେ ଯାଉଥିବା ସମୟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ତେବେ ପାଖରେ ପଡ଼ିଥିବା ଟିକେଟରେ ସିମାଲିଗୁଡ଼ିରୁ ବାଙ୍ଗାଲୋର ଯାଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ବାଙ୍ଗାଲୋର ଯାଉଥିବା ଏକ୍ସପ୍ରେସ ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି।

### ନଦୀକୁ ଶୌଚ ହେବାକୁ ଯାଇ ମହିଳା ନିଖୋଜ

ତିଗିରିଆ, ୧୯।୯, (ଡି.ଏନ୍. ଏ. ) ତିଗିରିଆ ଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମର ଜଣେ ବିଧବା ଶନିବାର ରାତିରେ ନିକଟସ୍ଥ ମହାନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ୱର୍ଗତ ଦାମୋଦର ପ୍ରଧାନଙ୍କ ସ୍ତ୍ରୀ କାନ୍ତ ପ୍ରଧାନ (୭୮)। ଏନେଇ ପୁଅ କୃଷ୍ଣ ଚନ୍ଦ୍ର ପ୍ରଧାନ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଛି ବୋଲି ତିଗିରିଆ ଥାନା ଆଇଆଇସି ବନ ବିହାରୀ ପ୍ରଧାନ କହିଛନ୍ତି।

### ଶ୍ରୀଜଗନ୍ନାଥ କଥାମୃତ

କଟକ ଅଫିସ, ୧୯।୯- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ସାମଲ, ଡ଼ ମୌସୁମୀ ରାଉତରାୟ, ଲିଙ୍ଗରାଜ ପତି, ତରଣୀସେନ ଲେଙ୍କା ଓ ମୋହନ କୁମାର ସ୍ୱାଇଁ ଯୋଗଦେଇଥିଲେ। କଟକ ଜିଲା ସଙ୍ଗଠକ ଲିଙ୍ଗରାଜ ପତି ସଭା ପରିଚାଳନା ଓ ଶାଶ୍ୱତ କୁମାର ପଣ୍ଡା ଗୀତଗୋବିନ୍ଦ ପାଠ କରିଥିଲେ। ଅମ୍ବିକା ପ୍ରସାଦ ମହାନ୍ତି, ସୁଶାନ୍ତ ଦାସ, ମାନସ ରଞ୍ଜନ ସିଂହ, ପ୍ରକାଶ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟ ମାଲିକାନାକୁ ନେଇ ବିବାଦ

କଟକସଦର,୧୯।୯(ଡି.ଏନ୍.ଏ.)- ୨୦୨୦-୨୧ ଆର୍ଥିକ ବର୍ଷରୁ ସାରା ରାଜ୍ୟର ବିଦ୍ୟାଳୟ ଗୃହ ନିର୍ମାଣ ଓ ମରାମତି ଦାୟିତ୍ୱ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଏ ନେଇ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ପତ୍ର ସଂଖ୍ୟା ୧୨୧୭୩/୩୦।୭/୨୦ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ କେବଳ ନିର୍ମାଣ କ୍ଷମତା ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ଦିଆଯାଇଛି। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ଦାୟିତ୍ୱ ଗ୍ରାମପଞ୍ଚାୟତ ଓ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟକୁ ବ୍ଲକ ଦେଖାରଖା କରିବେ। ଏବେ ସମ୍ପୃକ୍ତ ବିଦ୍ୟାଳୟର ଭୂସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇଛି। କଟକ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟ ନାମରେ ଥିବା ଭୂସମ୍ପତ୍ତି, ପୋଖରୀ, ନଡ଼ିଆ ଗଛକୁ ସ୍ଥାନୀୟ ପଞ୍ଚାୟତରେ ସରପଞ୍ଚମାନେ ନିଲାମ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ପଞ୍ଚାୟତ ନିୟମ ଧାରା ୧୩ରେ ପରିଚାଳନା କମିଟିର ସଭ୍ୟା ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରି କଟକ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଅତୀତରେ ବିଦ୍ୟାଳୟ ଜାଗାକୁ ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ଦାନ ସୂତ୍ରରେ ପ୍ରଦାନ କରିଥିଲେ। ପରବର୍ତ୍ତୀ କାଳରେ ଏହି ଜାଗା ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକଙ୍କ ନାମରେ ରେକର୍ଡଭୁକ୍ତ ହୋଇସାରିଛି। ରାଜସ୍ୱ ଆଇନ ମୁତାବକ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ କୌଣସିମତେ ବିଦ୍ୟାଳୟ ଜାଗାକୁ ପଞ୍ଚାୟତକୁ ଦେଇପାରିବେ ନାହିଁ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁମୋଦନ ଆବଶ୍ୟକ। ତେଣୁ ରାଜ୍ୟ ସରକାର ଏ ନେଇ ସ୍ପଷ୍ଟୀକରଣ ଦେବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ କୌଣସି ମତାମତ ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ।

# ବର୍ଷାରେ ଭିଜି ଗ୍ରାମବାସୀଙ୍କ ରାସ୍ତା ଅବରୋଧ

- ଜଳ ନିଷ୍କାସନ ନେଇ ଦାବି କରିଥିଲେ
- ପ୍ରତିଶ୍ରୁତି ଦେଇ ପ୍ରଶାସନ ଚୁପ୍ ରହିଯାଇଥିଲେ

**ବାରଙ୍ଗ,୧୯।୯(ଡି.ଏନ୍.ଏ.)**

ଜଳ ନିଷ୍କାସନ ପାଇଁ ଅଭିଯୋଗ କରି ନ ଶୁଣିବାରୁ ଶେଷରେ ଗ୍ରାମବାସୀ ରାସ୍ତାରେ ବସିଲେ। ତହସିଲ ପ୍ରଶାସନ ପ୍ରତିଶ୍ରୁତି ଦେଇ ଦାବି ପୂରଣ ନ କରିବା ପ୍ରତିବାଦରେ ବାରଙ୍ଗସ୍ଥିତ ତ୍ରିଶୁଳିଆ ଗ୍ରାମବାସୀ ରବିବାର ବର୍ଷାରେ ଭିଜି ୨ଘଣ୍ଟା କାଳ ବାରଙ୍ଗ-କଟକ ମୁଖ୍ୟରାସ୍ତାର ତ୍ରିଶୁଳିଆ ଛକରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଜଳ ନିଷ୍କାସନରେ ବାଧକ ସାଜିଥିବା ଜାଗାକୁ ତତ୍‌କ୍ଷଣାତ ସଫା କରାଯିବା ପରେ ରାସ୍ତାରୁ ଗ୍ରାମବାସୀ ଉଠିଥିଲେ।

ପ୍ରକାଶ ଯେ, ଲଘୁଚାପଜନିତ ଲଗାଣ ବର୍ଷା ହେଉଥିବାରୁ କୁହ୍ନେଇପଡ଼ା ପଞ୍ଚାୟତର ତ୍ରିଶୁଳିଆ ଅଞ୍ଚଳର ଲୋକେ ଜଳବନ୍ଦିରେ ରହୁଥିଲେ। ଏ ନେଇ ଗ୍ରାମବାସୀ ବାରଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣାରେ ଦେଇଥିଲେ। ଦୀର୍ଘ ସମୟ ବସିବା ପରେ ବାରଙ୍ଗ ତହସିଲଦାର ସଂକଳ୍ପସ୍ୱସ୍ତିକ ସାହୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସାମାନ୍ୟ ବର୍ଷାରେ ଗ୍ରାମରେ ପାଣି ରହିବା ସହ ଘରଭିତରକୁ ପାଣି ପଶୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଜଳନିଷ୍କାସନ ଜାଗାକୁ ଅବରୋଧ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଥିବା କହିବା ସହ ତୁରନ୍ତ ଜବରଦଖଲ ହୋଇଥିବା ଜାଗାକୁ ସଫାକରି ବର୍ଷାଜଳ ନିଷ୍କାସନ କରିବାକୁ ଦାବି କରିଥିଲେ। ଶନିବାର ଗ୍ରାମବାସୀଙ୍କ ସହଯୋଗରେ ଜବରଦଖଲ ଜାଗାକୁ ମୁକ୍ତ କରାଯିବାର ତହସିଲ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଶନିବାର ତହସିଲ ପକ୍ଷରୁ କୌଣସି ଉଦ୍ୟମ କାରାଯାଇ ନ ଥିଲା। ଅନ୍ୟପଟେ ଶନିବାର ପୁଣି ବର୍ଷା ହେବାରୁ ତ୍ରିଶୁଳିଆ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିଯାଇଥିଲା। ଫଳରେ ଗ୍ରାମବାସୀ ରବିବାର ତ୍ରିଶୁଳିଆ ଛକରେ ବାରଙ୍ଗ-କଟକ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଜରୁରିକାଳୀନ ଗାଡ଼ି ବ୍ୟତୀତ ଅନ୍ୟ କାହାରିକୁ ଛାଡି ନ ଥିଲେ। ଫଳରେ ଯାତାୟାତରେ ବାଧକ ସୃଷ୍ଟି ହୋଇଥିଲା। ଜୋନ-୪ ଏସିପି ଚନ୍ଦନ କୁମାର ଘଡେଇ, ବାରଙ୍ଗ ଥାନାଧିକାରୀ ଆକାଶଚନ୍ଦ୍ର ରଣା ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଶୁଣି ନ ଥିଲେ। ପରେ ବାରଙ୍ଗ ବିଡିଓ ପ୍ରଭାକର ପଣ୍ଡା, ତହସିଲଦାର ସଂକଳ୍ପସ୍ୱସ୍ତିକ ସାହୁ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁ, ଆର୍‌ଆଇ ସତ୍ୟପ୍ରକାଶ ନାୟକ ପ୍ରମୁଖ ଘଟଣାସ୍ଥଳକୁ ଆସି ତୁରନ୍ତ ଜଳନିଷ୍କାସନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଜେସିବି ଲଗାଯାଇ ଜବରଦଖଲ ସ୍ଥାନକୁ ସଫା କରି ଜଳ ନିଷ୍କାସନର ବ୍ୟବସ୍ଥା କାରଯାଇଥିଲା।


ଗ୍ରାମବାସୀମାାନେ ରାସ୍ତାରୋକୋ କରୁଛନ୍ତି।

# ୬୫୨ ମାମଲାର ଫଏସଲା


କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ ଅଫିସ, ୧୯।୯**

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ କଟକ ଜିଲା କୋର୍ଟର ବିଚାରପତିମାନେ ଯୋଗଦେଇ ଅନେକ ମାମଲାର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୯୮ଟି ମାମଲାର ଫଏସଲା କରାଯାଇ ଜରିମାନା ଓ ଅନୁକମ୍ପାମୂଳକ ରାଶି ବାବଦକୁ ୧୧କୋଟି ୩୧ ଲକ୍ଷ ୩୦ ହଜାର ୭୫୫ ଟଙ୍କା ଆଦାୟ ପାଇଁ ସ୍ଥିର ହୋଇଥିଲା। ଏହାବାଦ୍ ୩୦ଟି ପ୍ରାକ୍ ବିବାଦୀୟ ମାମଲା ଫଏସଲା କରାଯାଇ ୪ଲକ୍ଷ ୪୪ହଜାର ୭୮୧ ଟଙ୍କା ଆଦାୟ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲା ପ୍ରାଧୀକରଣର ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନଙ୍କ ପକ୍ଷରୁ ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆପୋସ ବୁଝାମଣା ଦ୍ୱାରା ୨୨ଟି ମାମଲାର ସମାଧାନ କରାଯାଇ ୭ ଲକ୍ଷ ୫୫ ହଜାର ୨୬୫ ଟଙ୍କା ଆଦାୟ ପାଇଁ ସ୍ଥିର କରାଯାଇଥିଲା। ସେହିପରି ମୟୂରଭଞ୍ଜ ଓ କୋରାପୁଟ ଜିଲାର ମଧ୍ୟ ୨ଟି ମାମଲା ଫଏସଲା ହୋଇଥିଲା। ଏହି ଅଦାଲତରେ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ ବିଭିନ୍ନ ମାମଲାର ସମାଧାନ କରିଥିବାବେଳେ କମିଶନଙ୍କ ସଚିବ ଅଭିଜିତ୍ ପଲେଇ, କଞ୍ଜୁମର୍ ବାର୍ ଆସୋସିଏଶନ୍ ସଭାପତି କରୁଣାକର ଜେନା ଉପସ୍ଥିତ ଥିଲେ।

# 'ବ୍ୟଙ୍ଗ, ରମ୍ୟ ରଚନା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ବିଭବ'


କଟକ ଶ୍ରୀରାମଚନ୍ଦ୍ର ଭବନରେ ବ୍ୟଙ୍ଗ ଗଳ୍ପ ସଂକଳନ 'ତୋଷାମଦ ଜିନ୍ଦାବାଦ'ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୧୯।୯**

କଟକ ଶ୍ରୀରାମଚନ୍ଦ୍ର ଭବନରେ ବ୍ୟଙ୍ଗ ଗଳ୍ପ ସଂକଳନ 'ତୋଷାମଦ ଜିନ୍ଦାବାଦ'ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ବ୍ୟଙ୍ଗ ଓ ରମ୍ୟ ରଚନା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ଏହା ଅଧିକରୁ ଅଧିକ ବଳିଷ୍ଠ ହେବା ଆବଶ୍ୟକ। ସେହିପରି ବିଶିଷ୍ଟ ବ୍ୟଙ୍ଗ କଥାଶିଳ୍ପୀ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଯୋଗଦେଇ ବ୍ୟଙ୍ଗ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ ସାହିତ୍ୟିକ ରମାକାନ୍ତ ମିଶ୍ର, ଡ. କୁଳାଙ୍ଗାର, ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଲେଖିକା ପ୍ରଜ୍ଞା ଆଚାର୍ଯ୍ୟ, ଅଧ୍ୟାପକ କମଳ ମାହୁନ୍ତ, ଗାଳ୍ପିକ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## ସାହିତ୍ୟିକ ମନୋରମା ମହାପାତ୍ରଙ୍କୁ ଜନ୍ମମାଟିରେ ଶ୍ରଦ୍ଧାଞ୍ଜଳି

**ଆଠଗଡ଼/ବାଙ୍କୀ, ୧୯।୯(ସ୍ୱ.ପ୍ର.)**

ଆଠଗଡ଼ର ବିଶିଷ୍ଟ ସାହିତ୍ୟିକା,ବାଗ୍ମୀ, ଜଗନ୍ନାଥ ଚେତନାର ଭାଷ୍ୟକାର ସ୍ୱର୍ଗତା ମନୋରମା ମହାପାତ୍ରଙ୍କୁ ତାଙ୍କ ଜନ୍ମସ୍ଥାନ ଆଠଗଡ଼ରେ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବ୍ଲକ ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମନୋରମାଙ୍କ ବିୟୋଗରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କଂଗ୍ରେସ ନେତା ଉମାବଲ୍ଲଭ ରଥ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମନୋରମାଙ୍କ ଜନ୍ମସ୍ଥାନ ଆଠଗଡ଼ ସହର ରାଧାନାଥପୁର ଶାସନ ବ୍ରାହ୍ମଣ ସମାଜ ତରଫରୁ ସ୍ଥାନୀୟ କାଶୀବିଶ୍ୱନାଥ ମନ୍ଦିର ପରିସରରେ ଶୋକସଭା ଆୟୋଜନ କରାଯାଇଥିଲା। ସଭାପତି ସୁଧୀର କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ।

ସେହିପରି ମନୋରମାଙ୍କ ବିୟୋଗରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶୋକ ପ୍ରକାଶ କରିଛନ୍ତି। ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ,ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରି କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଅନ୍ତର୍ରାଷ୍ଟ୍ରୀୟ କଳିଙ୍ଗ କୃତି ସଂସ୍ଥାନ ନୂଆଦିଲ୍ଲୀର ଉପସଭାପତି ଗୌତମ ମିଶ୍ର, ସମବାୟବିତ ସମରେନ୍ଦ୍ର ମହାପାତ୍ର ପ୍ରମୁଖ ମନୋରମାଙ୍କୁ ଶଦ୍ଧାଞ୍ଜଳି ଜଣାଇଛନ୍ତି।

# 'ନଦୀ ଭାରତୀୟଙ୍କ ଜୀବନଧାରାର ଅଂଶବିଶେଷ'


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଭାଜପା କର୍ମୀମାନେ ଆଳତି କରୁଛନ୍ତି।

## ନମାମି ଗଙ୍ଗେ କାର୍ଯ୍ୟକ୍ରମ

**କଟକ ଅଫିସ, ୧୯।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଭାଜପା କଟକ ନଗର ପକ୍ଷରୁ ରବିବାର କଟକ ଗଡଗଡ଼ିଆ ଘାଟଠାରେ ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ କହିଥିଲେ, ଭାରତରେ ଥିବା ନଦୀ ଆର୍ଥିକ ଜୀବନ ଧାରାର ପ୍ରମୁଖ ଅଂଶବିଶେଷ। ନଦୀ ଜଳ ମଣିଷ ପାଇଁ ନିହାତି ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମହେଶ୍ୱର ସାହୁ ଯୋଗଦେଇଥିଲେ। ଗଡଗଡ଼ିଆ ଘାଟରେ ଦଳର କାର୍ଯ୍ୟକର୍ତ୍ତାମାନେ ଆଳତି କରି ନଦୀର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଉପଲକ୍ଷେ ଅକ୍ଟୋବର ୭ ତାରିଖ ମଧ୍ୟରେ ମହାନଦୀ ଓ କାଠଯୋଡ଼ି ନଦୀର ୭୧ଟି ସ୍ଥାନରେ ଏଭଳି କାର୍ଯ୍ୟକ୍ରମ କରାଯିବା ପାଇଁ କଟକ ନଗର ଭାଜପା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ବଡୁ କହିଛନ୍ତି। ନାରାୟଣ ପ୍ରସାଦ ମହାନ୍ତି, ଦୁର୍ଯ୍ୟୋଧନ ଲେଙ୍କା, ଶ୍ୟାମସୁନ୍ଦର ସାହୁ, କାମାକ୍ଷା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶ୍ରୀତମ ଦାସ, ହୃଷୀକେଶ ଜେନା, ସିକନ୍ଦର ଅଲ୍ଲି, ରଶ୍ମିରେଖା ଦାସ, ବିଶ୍ୱରଞ୍ଜନ ମିଶ୍ର, ପ୍ରଦୀପ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରକାଶ ସେଠି, ସୁଶାନ୍ତ ମହାନ୍ତି, କଳ୍ପନା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ଜମା ଅର୍ଥ ତୋସରପାତ ଅଭିଯୋଗ

## କନ୍ଦରପୁର ସମବାୟ ମିନିବ୍ୟାଙ୍କ

**କଟକ ସଦର,୧୯।୯(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କନ୍ଦରପୁର କୃଷକ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ସମବାୟ ମିନିବ୍ୟାଙ୍କରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଜମା ଅର୍ଥ ତୋସରପାତ କରାଯାଇଥିବା ଅଭିଯୋଗ ହୋଇଛି। ୨୦ ଜଣ ଜମାକାରୀ ସେମାନଙ୍କର ଜମା ଅର୍ଥ ଅଜାଣତରେ ଉଠାଇ ନିଆଯାଇଥିବା ଅଭିଯୋଗ କରିବା ପରେ ସମବାୟ ସମିତି ପରିଚାଳନା ମଣ୍ଡଳୀ ତଦନ୍ତ ଆରମ୍ଭ କରିଛି। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ମିନିବ୍ୟାଙ୍କରେ ସଞ୍ଚୟ ଜମା ଆକାଉଣ୍ଟ ଖୋଲିଥିବା ପ୍ରାୟ ୫ ହଜାର ଜମାକାରୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। କାରଣ ସେମାନଙ୍କ ଅର୍ଥ ଜମା ଅଛି କି କେହି ଚଞ୍ଚକତା କରି ଉଠାଇ ନେଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଉକ୍ତ କୃଷକ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ନାବାର୍ଡ ଅଧ୍ୟକ୍ଷ ଜି.ଆର. ଚିନ୍ତଲ ଶନିବାର ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିଲା। ଏ ସମ୍ପର୍କରେ ଅନେକ ଜମାକାରୀ ତାଙ୍କ ନିକଟରେ ଅଭିଯୋଗ କରିବା ପାଇଁ ଅପେକ୍ଷା କରି ରହିଥିଲେ। ମାତ୍ର ଚିନ୍ତଲଙ୍କ ଗସ୍ତ ବାତିଲ ହୋଇଯିବାରୁ ସମସ୍ତେ ନିରାଶ ହୋଇ ଫେରିଥିଲେ। ଜମାକାରୀମାନଙ୍କ ପାସ୍‌ବୁକ୍‌ରେ ଜମା ଓ ଉଠାଣ ଅର୍ଥ ଠିକ୍ ଥିବାବେଳେ ବ୍ୟାଙ୍କ ଲେଜରରେ ବିଭିନ୍ନ ସମୟରେ ଟଙ୍କା ଉଠାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ କନ୍ଦରପୁର କୃଷକ ସମବାୟ ସମିତି ସମ୍ପାଦକ ଧୀରେନ ଦାଶ କହିଛନ୍ତି, କିଭଳି ଅର୍ଥ ତୋସରପାତ କରାଯାଇପାରିଲା ତାହାର ଆକଳନ ଜମାକାରୀଙ୍କ ପାସ୍‌ବୁକ୍ ସହ ଲେଜର ମିଳାଇଲା ପରେ ଜଣାପଡିବ।

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୯।୯**

ବିଭିନ୍ନ ଦାବି ନେଇ କଟକ ଜିଲା ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡ଼ି କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା, ସାମାଜିକ ସୁରକ୍ଷା ପ୍ରଦାନ, ପେନ୍‌ସନ୍ ଯୋଜନା, ଅବସରକାଳୀନ ଭତ୍ତା, ଚିକିତ୍ସା ବୀମା, ସେମାନଙ୍କ ପିଲାଙ୍କ ପାଠ ପଢ଼ାଇବା ଲାଗି ସୁବିଧା କରାଯିବାକୁ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟକର୍ତ୍ତା ବସନ୍ତ କୁମାର ସାହୁ, କଟକ ଜିଲା ସଭାପତି ଗୌରାଙ୍ଗ ଚରଣ ରଥ, ସମ୍ପାଦକ ଭାଗୀରଥି ବେହେରା, ପୁଷ୍ପଲତା ମହାନ୍ତି ଓ ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ତହସିଲଦାର

**କଣ୍ଟାପଡା, ୧୯।୯(ଡି.ଏନ୍.ଏ.)**

ଲଘୁଚାପଜନିତ ଲଗାଣ ବର୍ଷାରେ କଣ୍ଟାପଡା ବ୍ଲକ ଅଞ୍ଚଳର ଅନେକ ଧାନ ଓ ପନିପରିବା ଜମି ଜଳମଗ୍ନ ହୋଇଥିଲା। ଏଥିଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡିଛି। ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବିରେ କେତେଜଣ ରାଜନେତା ଗତ ଶୁକ୍ରବାର କଣ୍ଟାପଡା ତହସିଲ କାର୍ଯ୍ୟାଳୟରେ ପ୍ରବେଶ କରି ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକଙ୍କୁ ଅପମାନିତ କରିବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ଏ ସମ୍ପର୍କରେ ତହସିଲଦାର ମଲ୍ଲିକ ଶନିବାର କଟକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ପ୍ରତି କରାଯାଇଥିବା ଅପମାନଜନକ ବ୍ୟବହାର ଓ ଅଫିସ କ୍ୟାମ୍ପସ ଭିତରେ କର୍ମଚାରୀଙ୍କୁ ଭୟଭୀତ କରିବା ସମ୍ପର୍କରେ ବିସ୍ତୃତଭାବେ ଉଲ୍ଲେଖ କରାଯାଇଛି। କୃଷି ସମ୍ପର୍କିତ କ୍ଷୟକ୍ଷତିର ଆକଳନ ସମ୍ପୃକ୍ତ ବିଭାଗ ଦ୍ୱାରା କରାଯିବା କଥା। ମାତ୍ର ଅଯଥାରେ କେତେଜଣ ବ୍ୟକ୍ତି ପୂର୍ବରୁ ସୂଚନା ନ ଦେଇ ହଠାତ ତହସିଲ କାର୍ଯ୍ୟାଳୟକୁ ଆସି ପାଟିତୁଣ୍ଡ କରିବା ସହ ଅଫିସ କାର୍ଯ୍ୟ ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଛି। ତହସିଲ କାର୍ଯ୍ୟାଳୟ ଫାଟକ ନିକଟରେ ପୋଲିସ ଉପସ୍ଥିତ ରହିଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲା। ଏହି ହୋହଲ୍ଲା ମଧ୍ୟରେ ଶୁକ୍ରବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ଘେରାଉ କରି ରଖାଯାଇଥିଲା। ଶେଷରେ କଟକସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ହସ୍ତକ୍ଷେପ ପରେ ଅବସ୍ଥା ଶାନ୍ତ ପଡିଥିଲା।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅପମାନିତ କରିବା ଘଟଣା

# କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାଜପଥ ଅବରୋଧ

## ଟ୍ରକ ଧକ୍କାରେ ଜଣେ ମୃତ

**ଫୁଲନଖରା,୧୯।୯(ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକଠାରେ ରବିବାର ରାତି ପ୍ରାୟ ସାଢେ ୮ଟାରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଅଞ୍ଚଳର ମଙ୍ଗୁଳି ବେହେରା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ବାବଦକୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ, ରାସ୍ତା ମରାମତି ଓ ବାଲିକୁଦା ଛକରେ ଓଭରବ୍ରିଜ ନିର୍ମାଣ କାମ ତୁରନ୍ତ ଶେଷ କରିବା ଦାବିରେ ସ୍ଥାନୀୟ ଲୋକେ କଟକ-ଭୁବନେଶ୍ୱର ଜାତୀୟ ରାଜପଥକୁ ୨ ଘଣ୍ଟାକାଳ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ କଟକ ଡିସିପି ପ୍ରତୀକ୍ ସିଂ, କଟକ ସଦର ଥାନା ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାତି ପ୍ରାୟ ସାଢେ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗୁଳି ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବାବେଳେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି।


ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଅନ୍ୟାନ୍ୟ ଦାବିରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିଛନ୍ତି।

**ସଂକ୍ଷେପରେ**

## ଗାଁର ବିକାଶ ପାଇଁ ଅଣ୍ଟା ଭିଡ଼ିଲା ଯୁବକ ସଂଘ

**୨.୫କିମି ରାସ୍ତାପାର୍ଶ୍ୱ ଗଛ ସଫା କଲେ**

**ଖୋର୍ଦ୍ଧା ଅଫିସ,୧୯।୯:** କୁହାଯାଏ ଯୁବ ସମାଜ ଦେଶର ମେରୁଦଣ୍ଡ। ସେମାନଙ୍କ ଗଠନମୂଳକ ଚିନ୍ତାଧାରା ଦ୍ୱାରା ସମାଜର ବିକାଶ ଘଟିବ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ଖୋର୍ଦ୍ଧା ବ୍ଲକ ଜରିପୁଟ ଗ୍ରାମର ବାଲୁଙ୍କେଶ୍ୱର ସେବା ସଂଘ। ଗାଁର ସ୍ୱଚ୍ଛତା, ବିକାଶ ଏବଂ ସେବା ମନୋଭାବ ନେଇ ଗଠନ ହୋଇଛି ଏହି ସଂଘ। ରବିବାର ସକାଳେ ଏହି ସଂଘର କର୍ମକର୍ତ୍ତାମାନେ ସଙ୍କଟମୋଚନ ମନ୍ଦିର ନିକଟରୁ ତୋଟାପଡ଼ା ଛକ ପର୍ଯ୍ୟନ୍ତ ଅଢ଼େଇ କିମି ରାସ୍ତାର ଉଭୟ ପାର୍ଶ୍ୱରେ ଗଢ଼ିଉଠିଥିବା ଅନାବନା ଗଛଲତା କାଟି ସଫା କରିଥିଲେ। ଯୁବକ ସଂଘର ଏହି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ। ଲୋକଙ୍କୁ ଆବଶ୍ୟକତା ସମୟରେ ସ୍ୱାସ୍ଥ୍ୟସେବା, ଗାଁରେ ବିଭିନ୍ନ ପର୍ବପର୍ବାଣିରେ ଶାନ୍ତିଶୃଙ୍ଖଳା, ଏକ ସୁସ୍ଥ ଏବଂ ସବୁଜ ପରିବେଶ ଲାଗି କାର୍ଯ୍ୟ କରିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ସଂଘର ବିଜୟ ସାମନ୍ତରାୟ, ପ୍ରଶାନ୍ତ ଶ୍ରୀଚନ୍ଦନ, ରମେଶ ହରିଚନ୍ଦନ, ରାଜକିଶୋର ସେନାପତି, ତ୍ରିଲୋଚନ ସେନାପତି, ରଞ୍ଜିତ ଦାସ, ବିଭୁଦତ୍ତ ପଟ୍ଟନାୟକ, ଗନ୍ଧର୍ବ ମାର୍ଥା, ନିର୍ମଳ ମାର୍ଥା, ରାଧାକାନ୍ତ ମଙ୍ଗରାଜ, ବିଜ୍ଞାନ ପଟ୍ଟନାୟକ, ସନ୍ତୋଷ ସ୍ୱାଇଁ, ବିଚିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ମନୋରମା ଥିଲେ ଜଣେ ଅନନ୍ୟ ପ୍ରତିଭାଧାରୀ

**ଖୋର୍ଦ୍ଧା ଅଫିସ/ବାଣପୁର, ୧୯।୯(ଡି.ଏନ୍.ଏ.):** ଖୋର୍ଦ୍ଧା ନାଗରିକ ପରିଷଦ ପକ୍ଷରୁ ଜାନକୀ ବଲ୍ଲଭ ପାର୍କ ପରିସରରେ ସୁସାହିତ୍ୟିକା ମନୋରମା ମହାପାତ୍ରଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ମନୋରମା ଥିଲେ ଜଣେ ଅନନ୍ୟ ପ୍ରତିଭାଧାରୀ। ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଞ୍ଜୟ ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବିମଳ ଷଡ଼ଙ୍ଗୀ, ଡ.ବୃନ୍ଦାବନ ପଣ୍ଡା, ଚପଳା ପଣ୍ଡା, ଶିଶିର ପରିଡା, ରଣଜିତ ମହାପାତ୍ର, ଶୁଭ୍ରାଂଶୁ ସାମନ୍ତରାୟ ବିସ୍ମୟ ସାମନ୍ତରାୟ, ପ୍ରଦୋଷ ହରିଚନ୍ଦନ, ପ୍ରଫୁଲ୍ଲ ଜେନା, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁସାହିତ୍ୟିକା ମହାପାତ୍ରଙ୍କ ବିୟୋଗରେ ମାର୍ଗଦର୍ଶୀ ଅନୁଷ୍ଠାନ ଏବଂ ସଂସ୍କାର ଭାରତୀ କାର୍ଯ୍ୟାଳୟ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବାବା ଗୁପ୍ତେଶ୍ୱର ଦେବଙ୍କ କଲ୍ୟାଣ ମଣ୍ଡପରେ ବାଣପୁର ସାମ୍ବାଦିକ ସଂଘ ପକ୍ଷରୁ ସୁସାହିତ୍ୟିକା ମହାପାତ୍ରଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି।

## 'ହରିବନ୍ଧୁ ଛାତ୍ରବତ୍ସଳ ଶିକ୍ଷକ ଥିଲେ'

**ଟାଙ୍ଗୀ(ଖୋର୍ଦ୍ଧା),୧୯।୯(ଡି.ଏନ୍.ଏ.):** ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ଶନିବାର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ହରିବନ୍ଧୁ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ଦିବସରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ଉପସଭାପତି ବିବେକାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମନାଭ ବିଶ୍ୱାଳ, ବିଜୟ ରାଉତ, ଅରୁଣ ରଞ୍ଜନ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ବେହେରା, ସୁକାନ୍ତ ଜେନା, ପରିକ୍ଷିତ ମହାରଣା, ଗଙ୍ଗାଧର ବେହେରା, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ହରିବନ୍ଧୁ ଏକାଧାରରେ ଜଣେ କବି, ଲେଖକ, ପରୋପକାରୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## 'କିଛି ଲେଖା' ପୁସ୍ତକ ଉନ୍ମୋଚିତ

**ବେଗୁନିଆ,୧୯।୯(ଡି.ଏନ୍.ଏ.):** ବେଗୁନିଆ ସଦର ମହକୁମା ନିକଟ ବାବା ବାଲୁଙ୍କେଶ୍ୱରଙ୍କ ପୀଠ ସଭାଗୃହ ପରିସରରେ ରବିବାର 'କିଛି ଲେଖା' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଅବସରପ୍ରାପ୍ତ ଉପଜିଲାପାଳ ସୁଧାକର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କାଳିଚରଣ ଜୟସିଂହ ଯୋଗଦେଇଥିଲେ। ବକ୍ତାଭାବେ ଡ.ଗଣେଶ୍ୱର ସ୍ୱାଇଁ, ଅତିଥିଭାବେ କାଳନ୍ଦୀ ଚରଣ ସାହୁ ଏବଂ ଡ.ପ୍ରତିମା ଷଡଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକ ପ୍ରମୋଦ ତ୍ରିପାଠୀଙ୍କ 'କିଛି ଲେଖା' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୋମନାଥ ବିଷୋୟୀ ପ୍ରାରମ୍ଭିକ ସୂଚନା, ବାସୁଦେବ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରାମ ମାନସ ପଣ୍ଡା ଓ ବିଶ୍ୱ ରଞ୍ଜନ ମିଶ୍ର ପୁସ୍ତକ ସମ୍ପର୍କରେ ଆଲୋକପାତ କରିଥିଲେ। ମାନସ ରଞ୍ଜନ ପଣ୍ଡା, ଅଖିଳେଶ ମହାପାତ୍ର, ନବ କିଶୋର ବିଶୋୟୀ ଉପସ୍ଥିତ ଥିଲେ।

# ହଜିବାକୁ ବସିଲାଣି ଭାଗବତ ଟୁଙ୍ଗି

**ବେଗୁନିଆ,୧୯।୯(ଡି.ଏନ୍.ଏ.)**


କୋଲୁହାପାଟଣା ଗ୍ରାମରେ ଥିବା ଭାଗବତ ଟୁଙ୍ଗି।

- ଆଜି ଭାଗବତ ଦେବଙ୍କ ଜନ୍ମୋତ୍ସବ
- ଟୁଙ୍ଗି ପୁନରୁଦ୍ଧାର ଯୋଜନା ବାଟବଣା

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ଶ୍ରୀମଦ୍ ଭାଗବତ ଦେବଙ୍କ ଜନ୍ମ। ହିନ୍ଦୁ ଧର୍ମର ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭାଗବତ। ତାଳପତ୍ର ପୋଥିରେ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥାବଳୀକୁ ପୂଜାର୍ଚ୍ଚନା ଓ ପାଠ କରାଯାଉଥିଲା। ସଞ୍ଜ ନଇଁଲେ ଗାଁ ଗହଳିରେ ରହିଥିବା ଭାଗବତ ଟୁଙ୍ଗିରେ ଭାଗବତର ପ୍ରଥମ ଛନ୍ଦ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ପଦ ଗୁଞ୍ଜରିତ ହେଉଥିଲା। ଶ୍ରଦ୍ଧାଳୁମାନେ ଏକାଠି ହେବା ସହ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବାନ୍ଧି ରଖୁଥିଲେ। ଏଥିସହ ଭାଗବତ ପଦ ଶୁଣି ଶ୍ରଦ୍ଧାଳୁମାନେ କ୍ଳାନ୍ତ ଦୂର କରୁଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଗାଁ ଗହଳିରେ ରହିଥିବା ଏହି ଭାଗବତ ଟୁଙ୍ଗି ହଜିବାକୁ ବସିଲାଣି। ଅନ୍ୟପଟେ ସରକାରଙ୍କ ପୁନରୁଦ୍ଧାର ଯୋଜନା ବାଟବଣା ଯୋଗୁ ଏହି ଟୁଙ୍ଗି ସତ୍ତା ହରାଇବାକୁ ବସିଛି।

ପ୍ରକାଶ ଯେ, ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଯୋଜନା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ବହି ଯୋଗାଇ ଦିଆଯିବ। ଅନ୍ୟାନ୍ୟ ଆନୁଷଙ୍ଗିକ ସହ ମାଇକ୍ ସେଟ୍ କିଣାଯିବ। ଏଥିସହ ନିର୍ଦ୍ଦେଶାବଳୀ ଲାଗୁ କରାଯାଇଥିଲା। ଏହାର ଦାୟିତ୍ୱ ଜିଲା ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ୧୬୨ଟି ଟୁଙ୍ଗି ମଧ୍ୟରୁ ୧୧୪ଟି ଟୁଙ୍ଗିର ପୁନରୁଦ୍ଧାର ପାଇଁ ଶ୍ରଦ୍ଧାଳୁମାନେ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ପରେ ୬ଟି ଟୁଙ୍ଗି ଚୟନ କରାଯାଇଥିଲା। ଟୁଙ୍ଗିର ସଭାପତି, ସମ୍ପାଦକ ଚୟନ କରାଯାଇ ବିଡିଓଙ୍କ ସହିତ ମିଳିତ ବ୍ୟାଙ୍କ ପାସ୍‌ବୁକ ଖୋଲିବାରେ ବହୁ ବିଳମ୍ବ ହୋଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୬ରେ ୬ଟି, ୨୦୧୭ରେ ୭ଟି ଏବଂ ୨୦୧୮ରେ ୧୦ଟି ଟୁଙ୍ଗିକୁ ସହାୟତା ଦାନ କରାଯାଇଥିଲା। ଏହା ପରେ ସରକାରଙ୍କ ଏହି ଯୋଜନା ଫାଇଲରେ ଡୋରି ବନ୍ଧା ହୋଇଛି। ଜିଲା ସଂସ୍କୃତି ବିଭାଗ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ରହିଥିଲେ ମଧ୍ୟ ଏହି ଯୋଜନା ବାଟବଣା ହୋଇପଡ଼ିଛି। ସରକାରଙ୍କ ଏହି ମହତ ଆଭିମୁଖ୍ୟକୁ ଅଣଦେଖା କରାଯାଉଛି ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପଣ୍ଡିତ ଅଖିଳେଶ ପ୍ରସାଦ ପଣ୍ଡା କହିଛନ୍ତି, ହିନ୍ଦୁ ଧର୍ମରେ ଭାଗବତ ପାଠର ଗୁରୁତ୍ୱ ରହିଛି। ଗାଁ ଗହଳିରେ ଭାଗବତ ଟୁଙ୍ଗି ସତ୍ତା ହରାଇ ବସିଛି। ଏହାର ପନରୁଦ୍ଧାର ଯୋଜନା ସ୍ୱାଗତ ଯୋଗ୍ୟ। ଉଚିତ୍ ମାର୍ଗରେ କାର୍ଯ୍ୟକାରୀ କରାଯାଉ। ଅନ୍ୟପକ୍ଷେ ଏନେଇ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, କରୋନା ପାଇଁ ଏହି ଯୋଜନା କାର୍ଯ୍ୟ ବନ୍ଦ ରହିଥିଲା। ଆବେଦନ କରିଥିବା ଟୁଙ୍ଗିର ସ୍ଥିତି ଅନୁଧ୍ୟାନ କରାଯାଇ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ


ଅନନ୍ତ ବାସୁଦେବ ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ**

**ପୁରୁଣା ଭୁବନେଶ୍ୱର,୧୯।୯(ଡି.ଏନ୍.ଏ.)**

ପ୍ରତିବର୍ଷ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ ଧୂମଧାମରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ କୋଭିଡ୍ କଟକଣା ପାଇଁ ନିରାଡ଼ମ୍ବରରେ ପାଳନ କରାଯାଇଛି। ମନ୍ଦିର ଗର୍ଭଗୃହକୁ ଶ୍ରଦ୍ଧାଳୁଙ୍କୁ ଯିବା ପାଇଁ ବାରଣ ଥିବା ବେଳେ ମନ୍ଦିର ବାହାରୁ ଦର୍ଶନ କରିଥିଲେ। ଭୋର ୩ଟାରୁ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତି କରାଯାଇଥିଲା। ନୂଆମାର୍କେଟ କମ୍ପ୍ଲେକ୍ସ, ବିନ୍ଦୁସାଗର ଓ ତଳବଜାରଠାରେ ହୋଇଥିବା ବ୍ୟାରିକେଡ ନିକଟରେ ରହି ବ୍ରତଧାରୀମାନେ ଆଣିଥିବା ୧୪ପ୍ରକାର ଫୁଲ ଓ ୧୪ପ୍ରକାର ଫଳ ଭୋଗ ଡାଲାକୁ ଉପସ୍ଥିତ ପାଳିଆ ସେବାୟତଙ୍କୁ ଦେଇଥିଲେ। ଠାକୁରଙ୍କ ଠାରେ ଭୋଗ କରିବା ପରେ ଶ୍ରଦ୍ଧାଳୁଙ୍କୁ ଫେରାଇ ଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିର ବାହାରୁ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୭ହଜାର ଶ୍ରଦ୍ଧାଳୁ ମନ୍ଦିର ବାହାରୁ ଦର୍ଶନ କରିଥିବା ଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ଶ୍ରଦ୍ଧାଳୁ ମମତା ସାହୁ କୁହନ୍ତି, କଟକଣା ପାଇଁ ମନ୍ଦିର ବାହାରୁ ଦର୍ଶନ କଲି। ପୋଲିସ ଓ ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ। ଶାନ୍ତିଶୃଙ୍ଖଳା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ, ଜଣେ ଇନସ୍ପେକ୍ଟର ଏବଂ ୪ଜଣ ସବଇନ୍‌ସ୍ପେକ୍ଟର ମୁତୟନ କରାଯାଇଥିଲା। ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେବାୟତ ପୂର୍ଣ୍ଣଚନ୍ଦ୍ର ବିଶୋଇ କହିଛନ୍ତି।

# ୭୪.୫୪ଲକ୍ଷ ଜରିମାନା ଆଦାୟ

**ରାଷ୍ଟ୍ରୀୟ ଲୋକ ଅଦାଲତ**

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ବିଳାସ ବେହେରା ଅଧ୍ୟକ୍ଷତା କରିଥିଲେ। ମୋଟରଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଆଦି ଦେୱାନୀ ଓ ଫୌଜଦାରୀ ମୋଟ ୭୦୬ଟି ମାମଲା ବିଚାରକୁ ନିଆଯାଇଥିଲା। ୩୯୨ଟି ପୃଥକ ମାମଲାର ବିଚାର କରାଯାଇ ୭୪ଲକ୍ଷ ୫୪ହଜାର ଜରିମାନା ଆଦାୟ କରାଯାଇଛି। ୪୫ଟି ଚେକ ବାଉନ୍ସରୁ ୧୦ଟି ଫଏସଲା ହୋଇଛି। ବିଭିନ୍ନ ବ୍ୟାଙ୍କରୁ ଋଣ ସଂକ୍ରାନ୍ତୀୟ ୫ ମାମଲାରୁ ଗୋଟିଏ ଫଇସଲା ହୋଇଛି। ୨୨୮ମୋଟର ଦୁର୍ଘଟଣାରେ ୧୩, ବିବାହ ଜନିତ ୫ରୁ ଗୋଟିଏ ଏବଂ ଏଫଆରସିରେ ୪୦୦ରୁ ୩୬୦ଟିର ଫଇସଲା କରାଯାଇଛି। ଏଥିରେ ପରିବାର ଅଦାଲତ ଜଜ ସୂର୍ଯ୍ୟପ୍ରକାଶ କର, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ଅମିୟ କୁମାର ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରେଶ କୁମାର ମହାନ୍ତି, ବରିଷ୍ଠ ଦେୱାନୀ ଜଜ୍ ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ଦେୱାନୀ ଜଜ୍ ସୋମାଲିନା ମିଶ୍ର, ଏସଡିଜେଏମ ସୌଦାମିନୀ ସିଂ, ଦେୱାନୀ ଜଜ (କନିଷ୍ଠ ବିଭାଗ) ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ଜେଏମଏଫସି ସ୍ୱାତକି ଦାସ, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସୁରେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ମାମଲାର ବିଚାର କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜାତୀୟ ବ୍ୟାଙ୍କ ଶାଖାର ପରିଚାଳକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା କମିଟିର ସହାୟକ ବସନ୍ତ ଶତପଥୀ ପରିଚାଳନା କରିଥିଲେ।

## ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ


ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟମାନେ।

**ବୋଲଗଡ଼,୧୯।୯(ଡି.ଏନ୍.ଏ.)**

ଜିଲାପାଳ ସନତ୍ ମହାନ୍ତି ରବିବାର ବୋଲଗଡ଼ ବ୍ଲକ ଅଞ୍ଚଳର ଦୁଇଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ସାଗରଗୁଆଁ ପଞ୍ଚାୟତର ସାଗରଗୁଆଁ ସରକାରୀ ଉଚ୍ଚବିଦ୍ୟାଳୟ ଓ ପରେ ଗୋପାଳପୁର ପଞ୍ଚାୟତର ଦେଉଳି ଗ୍ରାମସ୍ଥିତ ଆଞ୍ଚଳିକ ଉଚ୍ଚବିଦ୍ୟାଳୟଠାରେ ପହଞ୍ଚି ସ୍ମାର୍ଟ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଦେଖିବା ସହ ଉପସ୍ଥିତ ବିଦ୍ୟାଳୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ସାଗରଗୁଆଁ ଗ୍ରାମରେ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଖୋଳାଯାଇଥିବା ଏକ ପୋଖରୀ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ମହାନ୍ତିଙ୍କ ସହିତ ବୋଲଗଡ଼ ବିଡିଓ ଧୋବେଇ ନାୟକ, ତହସିଲଦାର ସନ୍ତୋଷିନୀ ଦାସ, ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହାନୀପତି, ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତିଙ୍କ ସମେତ ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୨ ମାମଲା ଫଇସଲା

**ଜଟଣୀ,୧୯।୯(ଡି.ଏନ୍.ଏ.)**

ଜଟଣୀସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ରବିବାର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନ୍ୟାୟାଧୀଶ ଧ୍ରୁବି ଶୋଲାଙ୍କୀଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ମୋଟ୍ ୧୫୪ଗୋଟି ମାମଲାର ଶୁଣାଣି କରାଯାଇ ୪୨ଟି ମାମଲାର ଫଇସଲା କରାଯାଇଛି ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି। ଜମିଜମା ବାବଦ ୧୧ ମାମଲାରୁ ୨ଟି, ଏନ୍‌ଆଇ ଆକ୍ଟ (ଚେକ୍ ବାଉନ୍ସ) ମାମଲା ୧୦୩ରୁ ୫ଟି, ଆପରାଧିକ ମାମଲା ୪୦ରୁ ୩୫ଟି କେସ୍‌ର ଫସଇଲା କରାଯାଇଛି। ବିଭିନ୍ନ ଆପରାଧିକ ମାମଲାରେ ଓଡ଼ିଶା ଅର୍ବାନ୍ ପୋଲିସ ଆଇନ୍ ଅଣ୍ଡର ସେକ୍ସନ ୧୦୦ରେ ୟୁଆଇ-୧୩/୨୧ରେ ୧୦୦ଟଙ୍କା ଏବଂ ୨(ସି)ସିସି ଅଣ୍ଡର ସେକ୍ସନ୍ ୧୭୪(ସି)ରେଲବାଇ ଆକ୍ଟ କେସ୍ ୬/୨୧ରେ ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଜଟଣୀ ଜେଏମ୍‌ଏଫ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଓଡ଼ିଶା ବାର କାଉନ୍‌ସିଲର ନିର୍ଦ୍ଦେଶକ୍ରମେ ଜଟଣୀ ଲୟର୍ସ ଆସୋସିଏଶନ ଏବଂ ବାର ଆସୋସିଏଶନର ସମସ୍ତ ଅଧିବକ୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ଜବତ, ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୯।୯(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ରବିବାର ପୋଲିସ ଏହି ଥାନା ଅଧୀନ ଜରିପଡ଼ା ଅଞ୍ଚଳରେ ଚଢ଼ାଉ କରି ୧୭୫ ବୋତଲ ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜରିପଡ଼ାର ମିଥୁନ ବେହେରା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୩୪/୨୧) ରୁଜୁକରି ତଦନ୍ତ ଚଳାଇଛି।

## ଗୋ ମାଂସ ଜବତ ଘଟଣା: ଆଉ ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୯**


ଗିରଫ ୨ ଅଭିଯୁକ୍ତ।

ଗୋ ମାଂସ ଜବତ ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ରବିବାର ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଧୀନ ସାହେବ ନଗରର ଫିରୋଜ ଅଲ୍ଲି ଖାନ(୫୬) ଏବଂ ଚିଉଳପୁର ଗ୍ରାମର ଏସ୍.କେ. ଇସଲାମ(୬୩)। ଏହି ଘଟଣାରେ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ସୂଚନାଥାଉ କି, ଗତ ଗୁରୁବାର ତରତୁଆ କବରସ୍ଥାନ ପଡିଆ ନିକଟରେ କେଜେଜଣ ଦୁର୍ବୃତ୍ତ ଏକ ଗାଡିରେ ଗୋମାଂସ ଭର୍ତ୍ତି କାର୍ଟୁନ ଲୋଡ୍ କରୁଥିବା ଖବରପାଇ ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ଥର୍ମକୁଲ ପେଟି ମଧ୍ୟରେ ବରଫ ଦିଆଯାଇ ଗୋମାଂସ ଭର୍ତ୍ତି ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହା ପରେ ପୋଲିସ ୭ କୁଇଣ୍ଟାଲ ଗୋମାଂସ ଜବତ କରିବା ସହ ୨ଟି ସ୍କୁଟି ଜବତ କରିଥିଲା। ଜବତ ଗୋମାଂସକୁ ଜଙ୍ଗଲରେ ପୋତି ଦିଆଯାଇଥିଲା। ଉକ୍ତ ସମୟରେ ପୋଲିସ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ଗୋମାଂସ ହାଇଦ୍ରାବାଦ ଚାଲାଣ କରୁଥିବା ସ୍ୱୀକାର କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୬୯/୨୧) ରୁଜୁ ହୋଇଛି।

## 'ବ୍ୟଙ୍ଗ, ରମ୍ୟ ରଚନା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ବିଭବ'

**କଟକ ଅଫିସ,୧୯।୯**

କଟକ ଶ୍ରୀରାମଚନ୍ଦ୍ର ଭବନରେ ବ୍ୟଙ୍ଗ ଗଳ୍ପ ସଂକଳନ 'ତୋଷାମଦ ଜିନ୍ଦାବାଦ'ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଯୋଗଦେଇ କହିଥିଲେ, ବ୍ୟଙ୍ଗ ଓ ରମ୍ୟ ରଚନା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ଏହା ଅଧିକରୁ ଅଧିକ ବଳିଷ୍ଠ ହେବା ଆବଶ୍ୟକ। ସେହିପରି ବିଶିଷ୍ଟ ବ୍ୟଙ୍ଗକଥା ଶିଳ୍ପୀ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଯୋଗଦେଇ ବ୍ୟଙ୍ଗ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ ସାହିତ୍ୟିକ ରମାକାନ୍ତ ମିଶ୍ର, ଡ. କୁଳାଙ୍ଗାର, ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଲେଖିକା ପ୍ରଜ୍ଞା ଆଚାର୍ଯ୍ୟ, ଅଧ୍ୟାପକ କମଳ ମାହୁନ୍ତ, ଗାଳ୍ପିକ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## 'ସଂଗ୍ରହାଳୟ ଏକ ଅମୂଲ୍ୟ ସମ୍ପଦ'

**ଖୋର୍ଦ୍ଧା ଅଫିସ,୧୯।୯**

ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟରେ ବିଶ୍ୱ ସଂଗ୍ରହାଳୟ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ପ୍ରଫେସର୍ ରାଜକିଶୋର ପରମଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଦେଶରେ ସଂଗ୍ରହାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ସଂଗ୍ରହାଳୟ ମୁଖ୍ୟ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉକାର୍ଯ୍ୟକ୍ରମରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅମୀୟ ଜେନାମଣି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗୋଟିଏ ସ୍ଥାନରେ ଓଡ଼ିଶାର ସଂସ୍କୃତି, ଦେଶ ଓ ବିଦେଶ ମାଟିର ବହୁ ଐତିହ୍ୟ ସଂରକ୍ଷିତ ରଖିବାରେ ଗୋପାଳକୃଷ୍ଣଙ୍କ ଉଦ୍ୟମକୁ ପ୍ରଂଶସା କରିଥିଲେ। ଏହି ସଂଗ୍ରହାଳୟ ଆଗାମୀ ଯୁବପିଢ଼ି ଏବଂ ଗବେଷକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ। ସାମାଜିକ କର୍ମୀ ରାମଶଙ୍କର, ରାଜ୍ୟ ସଚିବାଳୟ ସାଧାରଣ ପ୍ରଶାସନ ବିଭାଗର ବରିଷ୍ଠ ପଦାଧିକାରୀ ଅର୍ଜୁନ ସାମନ୍ତରାୟ ଓ ଶିକ୍ଷାବିତ୍ ବିଭୁ ପ୍ରସାଦ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଠାରେ ୧୬ଟି ମୁଖ୍ୟ ବିଭାଗ ଓ ୪୦ଟି ଉପବିଭାଗରେ ସଂରକ୍ଷିତ ବିରଳ ଦ୍ରବ୍ୟ, ୧୯୧୦ରେ ସ୍ଥାପିତ ଦାସ ଲାଇବ୍ରେରିର ପ୍ରାଚୀନ ଗ୍ରନ୍ଥରାଜି ଦେଖିବା ସହ ଏହି ସଂଗ୍ରହାଳୟ ରାଜ୍ୟର ଏକ ଅମୂଲ୍ୟ ସମ୍ପଦ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଏବଂ ପ୍ରାଣନାଥ କଲେଜର ରୋଭର୍ ଯୋଗଦେଇଥିଲେ। ସୁଶ୍ରୀ ଗୀତାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ।


ସଂଗ୍ରହାଳୟରେ ଉପସ୍ଥିତ ଅତିଥିମାନେ।

# ପଶୁଛନ୍ତି ସରୀସୃପ, ଲୋକେ ଭୟଭୀତ

**ଖୋର୍ଦ୍ଧା ଅଫିସ,୧୯।୯**


ଗାଁରେ ପଶିଥିବା ବନ୍ୟାଜଳ।

ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ ଓ ବ୍ରଜମୋହନପୁର ପଞ୍ଚାୟତର ୧୫ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୬ଦିନ ହେବ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓରବରସିଂ ପଞ୍ଚାୟତର ହରିମୂଳ, ଡିହଖଳା ଏବଂ ଦୁର୍ଗାପୁର ଗ୍ରାମରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଛି। ରବିବାର ଜଳସ୍ତର ଆହୁରି ବଢ଼ିଛି। ଏତଦ୍ ବ୍ୟତୀତ ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର, ଧବଳପୁର, ଓରମି ଆଦି ଗ୍ରାମରେ ବନ୍ୟାଜଳ ଘରେ ପଶିଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏକର ଏକର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି। ଅନ୍ୟପଟେ ବନ୍ୟାଜଳରେ ଘର ଭିତରକୁ ବେଙ୍ଗ, ସାପ, ଆବର୍ଜନା ଭାସି ଆସୁଛି। ଫଳରେ ଘରେ ରହି ହେଉନି। ଗୁହାଳରେ ପାଣି ଗାଈଗୋରୁଙ୍କ ଚିନ୍ତା ଘାରିଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଗୋଖାଦ୍ୟ ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ବ୍ୟବସ୍ଥା କରାଯାଇନାହିଁ। ଦୁଇ ଦିନ ହେବ ହରିମୂଳ, ଡିହଖଳା ଏବଂ ଦୁର୍ଗାପୁର ଗ୍ରାମରେ ରନ୍ଧାଖାଦ୍ୟ ଦିଆଯାଉଛି। ତେବେ ଖାଦ୍ୟ ରନ୍ଧା ଯାଉଥିବା ସ୍ଥାନରେ ପାଣି ପଶିଲାଣି। ଏହାକୁ ନେଇ ଭାଲେଣି ପଡିଛି। ଘରେ ପାଣି ଜମିଥିବା ସତ୍ତ୍ୱେ ଲୋକେ ଘରଛାଡି ଆଶ୍ରୟସ୍ଥଳୀକୁ ଯିବାକୁ ରାଜି ହେଉ ନ ଥିବା ଦେଖିବାକୁ ମିଳିଛି।

**ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଆରମ୍ଭ**

ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଗ୍ରାମରେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଆରମ୍ଭ ହୋଇଛି। ପ୍ରାଣୀଧନ ଡା. ପ୍ରଜ୍ଞାମିତା ହରିଚନ୍ଦନଙ୍କ ନେତୃତ୍ୱରେ ଏକ ଟିମ୍ ବନ୍ୟାଘେରରେ ରହିଥିବା ଗାଁକୁ ଯାଇ ଗୋରୁଗାଈଙ୍କ ଚିକିତ୍ସା କରୁଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ରହିଛନ୍ତି। ଏମାନଙ୍କୁ ପାଇଁ ଆବଶ୍ୟକ ଗୋଖାଦ୍ୟ ଯୋଗାଇବା ପାଇଁ ରାଜ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି ବୋଲି ଜିଲାପାଳ ସନତ୍ ମହାନ୍ତି କହିଛନ୍ତି।

**ବୃନ୍ଦାବନଦେବ ମଠ ପାଚେରି ଓ କୋଠା ଭୁଶୁଡ଼ିଲା**

ଲଗାଣବର୍ଷାରେ ଗଡ଼ଖୋର୍ଦ୍ଧା ସ୍ଥିତ ବୃନ୍ଦାବନଦେବ ମଠରେ ଆଗପଟ ପାର୍ଶ୍ୱର ପୋଖରୀକୁ ଲାଗି ରହିଥିବା ପାଚେରି ଭୁଶୁଡି ପଡିଛି। ଏଥିସହ ମଠ ଭିତର ଏକ ପୁରୁଣା କୋଠା ମଧ୍ୟ ଭୁଶୁଡିଛି। ଆଗକୁ ବର୍ଷା ଲାଗି ରହିଲେ, ମଠର ଅନ୍ୟ ପାର୍ଶ୍ୱ ପାଚେରି ମଧ୍ୟ ଭୁଶୁଡିବା ସମ୍ଭାବନା ରହିଛି। ପ୍ରକାଶ ଯେ, ଶ୍ରୀକ୍ଷେତ୍ରର ବଡଓଡିଆ ମଠର ଶାଖା ମଠଭାବେ ପରିଚିତ ଏହି ମଠରେ ଶ୍ରୀକୃଷ୍ଣଙ୍କ କମନୀୟ ମୂର୍ତ୍ତି ପୂଜା ପାଉଛି। ଠାକୁରଙ୍କ ବହୁ ସମ୍ପତ୍ତି ଜବରଦଖଲରେ ରହିଥିବାରୁ ଠାକୁର ଠିକ୍ ଭାବେ ପୂଜା ପାଇପାରୁନାହାନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୦୯।୨୦୨୧

| | |
|---|---|
| ୧,୭୬,୫୦୪ ଟଙ୍କା | |
| ସୁନା | ୫.୭୦୦ ଗ୍ରାମ |
| ରୁପା | ୯.୯୮୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଶରତ ଚନ୍ଦ୍ର ରାଉତରାୟ ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ଅଧିବକ୍ତା ସ୍ୱର୍ଗତ ଶରତ ଚନ୍ଦ୍ର ରାଉତରାୟଙ୍କ ୯୮ତମ ଜୟନ୍ତୀ ପାଳନ, ଚନ୍ଦ୍ରଶେଖର ପାଠାଗାର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ୫୨୪ ମାମଲାର ସମାଧାନ

**ପୁରୀ ଅଫିସ,୧୯।୯:** ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରୀ, ପିପିଲି, ନିମାପଡ଼ା, କୋଣାର୍କ ଓ ବ୍ରହ୍ମଗିରି କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୨୪ ମାମଲାର ଫଇସଲା କରାଯାଇ ଜରିମାନା ବାବଦ ୩କୋଟି ୫୧ ଲକ୍ଷ ୯୬ ହଜାର ୭୬୯ ଟଙ୍କା ଆଦାୟ କରାଯାଇଛି। ୧୦୩ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ସମାଧାନ ହୋଇଛି। ଅଭିଯୋଗକାରୀଙ୍କୁ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ୪୬ଟି ପ୍ରାକ୍ ବିବାଦ ସମ୍ପର୍କିତ ମାମଲାର ସମାଧାନ କରି ୨୩ ଲକ୍ଷ ୬୨ ହଜାର ୭୭୭ ଟଙ୍କା ଆଦାୟ କରାଯାଇଛି। ବିଚାରାଧୀନ ଥିବା ୩୬୧ଟି ଦେୱାନୀ ଓ ଫୌଜଦାରି ମକଦ୍ଦମା ଫଇସଲା କରାଯାଇ ୧୬ ଲକ୍ଷ ୨୯ ହଜାର ୯୯୨ ଟଙ୍କା ଜରିମାନା ଆଦାୟ ହୋଇଛି। ୧୪ଟି ବିବାହ ବିଚ୍ଛେଦ ମାମଲାର ଆପୋସ ବୁଝାମଣା କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ସନ୍ତୋଷ କୁମାର ଜେନା ଉଦ୍‌ଘାଟନ କରିଥିଲେ। ବ୍ଲକ୍ ସ୍ତରରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମାମଲା ସମାଧାନ କରିଥିଲେ।

### ୭୦ ୟୁନିଟ୍ ରକ୍ତ ସଂଗ୍ରହ

**ଗୋପ,୧୯।୯ (ଡି.ଏନ୍.ଏ.):** ଓଡ଼ିଶା ମୋ ପରିବାର ଓ ଗୋପ ବ୍ଲକ ବିଜେଡି ମିଳିତ ସହଯୋଗରେ ରବିବାର ଇଡିଭୂଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୂର୍ବତନ ଜିଲାପରିଷଦ ଅଧକ୍ଷ ଦିବାକର ପାତ୍ର ଓ ସଦର ବ୍ଲକ ସଭାପତି ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ସରପଞ୍ଚ ଶୁଭଶ୍ରୀ ଦାସ, ଜିଲା ସହସଂଯୋଜକ ଭଗବାନ ପଡ଼ିଆରୀ ଓ ଗୋପ ବ୍ଲକ ଯୁବ ବିଜେଡି ସଭାପତି ବାଲୁଙ୍କେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିମାପଡ଼ା-କୋଣାର୍କ ରୁଟ୍‌ରେ 'ମୋ ବସ୍'କୁ ବିରୋଧ

- ରୋଡ୍ ପରମିଟ୍ ନ ଥାଇ ଚାଲୁଥିବା ଅଭିଯୋଗ
- ୩ଦିନ ମଧ୍ୟରେ ସମାଧାନ ନ ହେଲେ ରାସ୍ତାରୋକୋ

ନିମାପଡ଼ା,୧୯।୯(ଡି.ଏନ୍.ଏ.)

ଭୁବନେଶ୍ୱରରୁ ଦୈନିକ ନିମାପଡ଼ା-କୋଣାର୍କ ରୁଟ୍‌ରେ ୮ଟି ମୋ ବସ୍ ଚଳାଚଳ କରୁଛି। ହେଲେ ଉକ୍ତ ରାସ୍ତାରେ ମୋ ବସ୍‌ଗୁଡ଼ିକର ରୋଡ୍ ପରମିଟ୍ ନ ଥାଇ ଓ ସମୟ ନ ମାନି ମନମୁଖି ଭାବେ ଯାତାୟାତ କରୁଥିବା ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମନଇଚ୍ଛା ମୋ ବସ୍‌ଗୁଡ଼ିକ ନିମାପଡ଼ା-କୋଣାର୍କ ରୁଟ୍‌ରେ ଚଳାଚଳ କରୁଥିବାରୁ ନିମାପଡ଼ା ଅଞ୍ଚଳର ପ୍ରାୟ ୫୦ଟି ଘରୋଇ ବସ୍‌ର ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବସ୍‌ଗୁଡ଼ିକର ସମୟ ସାରଣୀକୁ କେନ୍ଦ୍ରକରି ମୋ ବସ୍ କର୍ମଚାରୀ ଓ ଘରୋଇ ବସ୍ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ବିବାଦ ଦେଖାଦେଇଛି। କରୋନା ଯୋଗୁ ଗତ ୨ବର୍ଷ ହେଲା ଘରୋଇ ବସ୍‌ର ମାଲିକମାନେ ଦେବାଳିଆ ହୋଇପଡ଼ିଥିବାରୁ ବସ୍‌ର ଟିକସ ପୈଠ କରିବା ଓ କର୍ମଚାରୀଙ୍କୁ ଦରମା ଦେବାକୁ ଅସମର୍ଥ ହୋଇପଡ଼ିଛନ୍ତି। ଏ ଅଞ୍ଚଳର ଯାତ୍ରୀମାନଙ୍କର ଗମନାଗମନ ସୁବିଧା ଦୃଷ୍ଟିରୁ ସରକାର ମୋ ବସ୍ ସେବା ଯୋଗାଇ ଦେଇଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ରୋଡ୍ ପରମିଟ ନ ଥିବା ଓ ନିର୍ଦ୍ଧାରିତ ସମୟ ସାରଣୀକୁ ନ ମାନି ମନଇଚ୍ଛା ମୋ ବସ୍‌ରେ ଯାତ୍ରୀ ପରିବହନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ନିମାପଡ଼ାର ଘରୋଇ ବସ୍ ମାଲିକ ସନ୍ତୋଷ କୁମାର ସେନାପତି, ସନ୍ଦୀପ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମହାନ୍ତି, ବିଜୟ ମିଶ୍ର ପ୍ରମୁଖ କହିଛନ୍ତି। ବିନା ପରମିଟରେ ଭୁବନେଶ୍ୱରରୁ ନିମାପଡ଼ା, କୋଣାର୍କ ରୁଟ୍‌ରେ ମୋ ବସ ଚଳାଚଳକୁ ତୁରନ୍ତ ବନ୍ଦ କରାଯିବାକୁ ଉପରୋକ୍ତ ଘରୋଇ ବସ୍ ମାଲିକମାନେ ରାଜ୍ୟ ପରିବହନ ମନ୍ତ୍ରୀ, ସଚିବଙ୍କ ନିକଟରେ ଦାବି କରିଛନ୍ତି। ମୋ ବସ୍ ଚଳାଚଳର ଏଭଳି ବେପରୁଆ କାର୍ଯ୍ୟ ସମ୍ପର୍କରେ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ରାଜ୍ୟ ପରିବହନ କମିଶନର, ସଚିବ, ପୁରୀ ଜିଲାପାଳ, କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ନିମାପଡ଼ାରେ ମୋ ବସ୍ କର୍ମଚାରୀ ଓ ଘରୋଇ ବସ୍ ମାଲିକଙ୍କ ବିବାଦ ସମ୍ପର୍କରେ ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ଓ ନିମାପଡ଼ା ଥାନାରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ପ୍ରଶାସନିକ ହେୟ ମନୋଭାବ ଯୋଗୁ ବିବାଦର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ପ୍ରଶାସନ ଓ ପରିବହନ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବା ଓ ବିନା ପରମିଟ୍‌ରେ ନିମାପଡ଼ା- କୋଣାର୍କ ରୁଟ୍‌ରେ ଆସୁଥିବା ମୋ ବସ୍‌ଗୁଡ଼ିକୁ ବନ୍ଦ କରିବାକୁ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ବିଚିତ୍ରାନନ୍ଦ ଖଟୋଇ, ସମ୍ପାଦକ ସୁନୀଲ ପରିଡ଼ା, ଷ୍ଟାଣ୍ଡ ସମ୍ପାଦକ ସରୋଜ ସାହୁ, ଉପଦେଷ୍ଟା ଅଜୟ ମିଶ୍ର, ସନ୍ତୋଷ ସେନାପତି ପ୍ରମୁଖ ଦାବି କରିଛନ୍ତି। ଯଦି ଆସନ୍ତା ୩ ଦିନ ମଧ୍ୟରେ ପ୍ରଶାସନ ଓ ପରିବହନ ବିଭାଗ ଏ ଦିଗରେ ଦୃଷ୍ଟି ନ ଦିଅନ୍ତି, ତେବେ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆସନ୍ତା ୨୪ତାରିଖରେ ନିମାପଡ଼ା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ରାସ୍ତାରୋକୋ କରାଯିବ ବୋଲି ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱରର ମୋ ବସ୍ ସେବାର ଅପରେଶନ ମ୍ୟାନେଜର ଭବାନୀଶଙ୍କର ମହାରଣା କହିଛନ୍ତି, ନିମାପଡ଼ା- କୋଣାର୍କ ରୋଡ୍ ପରମିଟ ମୋ ବସ୍ ପାଇଁ ରହିଛି। ଯେଉଁ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ସହ ମୋ ବସ୍ କର୍ମଚାରୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ସମ୍ପର୍କରେ କ୍ରୁଟର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛି।

## ବଟି ମାଗି ୨ ଗିରଫ: ଖଣ୍ଡା, ବାଇକ୍ ଓ ଟଙ୍କା ଜବତ

ପୁରୀ ଅଫିସ, ୧୯।୯

ସମୁଦ୍ରକୂଳ ଥାନା ପୋଲିସ ବଟି ମାଗିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ଅଞ୍ଚଳର ରାଜେଶ ସିଂହ ଓରଫ ନଣ୍ଡା। ତାଙ୍କଠାରୁ ଗୋଟିଏ ଖଣ୍ଡା, ୬୫୦ ଟଙ୍କା ଓ ବାଇକ ଜବତ ହୋଇଛି। ଏ ନେଇ କେସ୍ ନଂ. ୨୦୦/୨୧ ରୁଜୁ କରାଯାଇଛି। ସେହିପରି ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ବାଲିକୁଦା ରାମଚଣ୍ଡୀସାହିର ହରମୋହନ ଜେନାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୦୦ ଟଙ୍କା ଜବତ ହୋଇଛି। ଏ ନେଇ କେସ୍ ନଂ ୩୩୯/୨୧ ରୁଜୁ କରାଯାଇଛି। ବଡଶଙ୍ଖଠାରେ ଜଣେ ଦୋକାନୀଙ୍କୁ ହରମୋହନ ବଟି ମାଗିବା ସହ ହତ୍ୟା ଧମକ ଦେଇଥିଲେ।



ପୁରୀ ତିଆଡ଼ି ସାହିରେ ରବିବାର କୁମାରୀମାନେ ଖୁଦୁରୁକୁଣୀ ଓଷା ପାଳନ କରୁଛନ୍ତି।

# ପିପିଲି ଉପନିର୍ବାଚନ: ଆଜିଠୁ ଜମିବ ପ୍ରଚାର

- ଡୋର୍ ଟୁ ଡୋର୍ କ୍ୟାମ୍ପେନ୍, କର୍ମୀ ସଭାକୁ ଗୁରୁତ୍ୱ

ପୁରୀ ଅଫିସ,୧୯।୯

ପିପିଲି ଉପନିର୍ବାଚନ ପାଇଁ ସୋମବାରଠାରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ ହେବ। ଆସନ୍ତା ୨୮ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଚାର ହୋଇପାରିବ। ୩୦ ତାରିଖରେ ଭୋଟ ଗ୍ରହଣ। ପ୍ରଚାର ଲାଗି ହାତରେ ମାତ୍ର ୭ଦିନ ସମୟ ଥିବାରୁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ କର୍ମୀ ବୈଠକ ସହ ବିଭିନ୍ନ ରଣକୌଶଳ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପାଇଁ ଷ୍ଟାର ପ୍ରଚାରକମାନେ ଏବେଠୁ ମଇଦାନକୁ ଓହ୍ଲାଇବେ। ତେଣୁ ପ୍ରଚାର ଜମିବ। ରୋଡ୍ ଶୋ, ଶୋଭାଯାତ୍ରା ଓ ବାଇକ୍ ଶୋଭାଯାତ୍ରା ଉପରେ କଟକଣା ଥିବାରୁ ପ୍ରାର୍ଥୀମାନେ ୫ଜଣଙ୍କୁ ନେଇ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ (ଘର ଘର ବୁଲି ପ୍ରଚାର) ଏବଂ କର୍ମୀ ସଭା ଉପରେ ଗୁରୁତ୍ୱ ଦେବେ। ବିଜେଡି ପକ୍ଷରୁ ରୁଦ୍ରପ୍ରତାପ ମହାରଥି, ଭାଜପା ପକ୍ଷରୁ ଆଶ୍ରିତ ପଟ୍ଟନାୟକ ଏବଂ କଂଗ୍ରେସ ପକ୍ଷରୁ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ପ୍ରତ୍ୟେକ ଦଳ ପ୍ରଚାର ପାଇଁ ୫ଜଣିଆ ଟିମ୍ ଗଢିଛନ୍ତି। ସୋମବାର ବିଜେଡି ପାଇଁ ଦୁଇଜଣ ମନ୍ତ୍ରୀଙ୍କ ସମେତ ବରିଷ୍ଠ ନେତା ପ୍ରତାପ ଦେବ ପ୍ରଚାର ଲାଗି ଆସିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଭାଜପା ପ୍ରାର୍ଥୀ ପଟ୍ଟନାୟକ କହିଛନ୍ତି, ପ୍ରଥମ ଦିନ କୌଣସି ରାଜ୍ୟ ଚେହେରାଙ୍କ କାର୍ଯ୍ୟକ୍ରମ ନାହିଁ। ପ୍ରାର୍ଥୀ ଓ କର୍ମୀମାନେ ମିଶି ପ୍ରଚାର କରିବେ। ଅନ୍ୟପକ୍ଷରେ ଆଗାମୀ ଦିନରେ ଷ୍ଟାର ପ୍ରଚାରକ ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ମିଳିଛି।

## 'ଜନକଲ୍ୟାଣ ଯୋଜନା ହିଁ ଅଞ୍ଚଳର ବିକାଶ ଆଣିଛି'

**ପିପିଲି,୧୯।୯(ଡି.ଏନ୍.ଏ.):** ପିପିଲି ବ୍ଲକ ଡେଇଶିପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଯୁବ ବିଜେଡି ରାଜ୍ୟ ମହାସଚିବ ଏଲିନା ଦାଶ, ରାଜ୍ୟ କ୍ଷୁଦ୍ର ନିଗମ ଅଧକ୍ଷ ଚିନ୍ମୟ ସାହୁ, ପୁରୀ ଜିଲା ମହିଳା ସଭାପତି ଶାନ୍ତିଲତା ପ୍ରଧାନ, କେନ୍ଦ୍ରାପଡ଼ା ଜିଲା ଯୁବ ସଭାପତି ରାଜେଶ ଦାସ, ଆମ୍ବ ଅଧକ୍ଷ ଧରଣୀଧର ସାହୁ, ଗଦାଧର ଦାଶ, ପିପିଲି ବ୍ଲକ ବିଜେଡି ସମ୍ପାଦକ ଈଶ୍ୱର ପ୍ରସାଦ ଦାଶ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଅରୂପ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ହିଁ ଅଞ୍ଚଳର ବିକାଶ ଆଣିଛି ବୋଲି ଅତିଥିମାନେ କହିଥିଲେ। ଡେଇଶିପୁର ମହିଳା ବିଜେଡି ନେତ୍ରୀ ଉମାମଣି ରଥ, ସମ୍ପାଦକ ଶାନ୍ତିଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ଡ୍ରେନେଜ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଅନୁଦାନ ଦିଆଯାଉ'

### କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ପୁରୀ ବିଧାୟକ

ପୁରୀ ଅଫିସ, ୧୯।୯

ପୁରୀ ମଙ୍ଗଳାଘାଟ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ନେଇ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ରବିବାର କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଭେଟି ୨କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେବାକୁ ଅନୁରୋଧ ଜଣାଇଛନ୍ତି। ଏଥିସହ ଏନେଇ ଏକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ବର୍ଷାଋତୁରେ ମଙ୍ଗଳା ନଦୀ ଓ ମୂଷା ନଦୀରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ସୁଜାତା ନଗର ଓ ମାଟିତୋଟା ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଏହି ଅଞ୍ଚଳ ପୁରୀ ମ୍ୟୁନିସିପାଲିଟିର ୧ ଓ ୩ ନମ୍ବର ୱାର୍ଡରେ ଥିବାବେଳେ ୫ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଠାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶିଯାଉଛି। ମଙ୍ଗଳାଘାଟ ସାହିରୁ ମୂଷାନଈ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା କରାଗଲେ ଉକ୍ତ ଅଞ୍ଚଳବାସୀ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇପାରିବେ। ଏଥିଲାଗି ୨କୋଟି ଟଙ୍କା ମଞ୍ଜୁର କରାଯାଉ ବୋଲି ସେ ତାଙ୍କ ପତ୍ରରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କୁ ଅନୁରୋଧ ଜଣାଇଛନ୍ତି।

## ମୋବାଇଲ ଫୋନ୍ ପାଇ ଫେରାଇଲା ଆର୍‌ପିଏଫ୍

ପୁରୀ ଅଫିସ, ୧୯।୯

ଟ୍ରେନରେ ଛାଡ଼ିଯାଇଥିବା ମୋବାଇଲ ଫୋନ ଫେରିପାଇଛନ୍ତି ଜଣେ ଯାତ୍ରୀ। ରେଲୱେ ପୋଲିସ ଏହି ଫୋନ୍ ପାଇ ରବିବାର ସମ୍ପୃକ୍ତ ଯାତ୍ରୀଙ୍କୁ ଫେରାଇଛି। ଗତ ୪ତାରିଖ ସନ୍ଧ୍ୟାରେ ରେଲୱେ ପୋଲିସ ପୁରୀ ଷ୍ଟେଶନରେ ନୀଳାଚଳ ଏକପ୍ରେସ ଏସ୍-୬ ବଗିରୁ ଏକ ଆଇଫୋନ ପାଇ ତାହାକୁ ଆଣି ତଦନ୍ତ କରିଥିଲା। ଉକ୍ତ ଫୋନଟି ଉତ୍ତର ପ୍ରଦେଶର ଗୁଲାମ ଅହମ୍ମଦ ଖାନ୍‌ଙ୍କର ବୋଲି ଜଣାପଡ଼ିଥିଲା। ସେ କଟକରେ ଓହ୍ଲାଇବାବେଳେ ଟ୍ରେନ୍‌ରେ ଫୋନ୍ ଛାଡ଼ିଯାଇଥିଲେ। ତେବେ ତାଙ୍କ ସହ ଯୋଗାଯୋଗ ପରେ ରବିବାର ସେ ପୁରୀ ଆସି ତାଙ୍କ ଫୋନ୍‌କୁ ରେଲୱେ ପୋଲିସ ପାଖରୁ ନେଇଛନ୍ତି ବୋଲି ଆର୍‌ପିଏଫ୍ ଅଧିକାରୀ ଅନିଲ କୁମାର ସିଂହ କହିଛନ୍ତି।

# ବନ୍ୟାରେ ଭାସିଗଲା ମୋରମ, ମେଟାଲ

- ଅସୁରକ୍ଷିତ କୁଶଭଦ୍ରା ନଦୀବନ୍ଧ
- ଭିଜିଲାନ୍ସ ତଦନ୍ତ ଦାବି

ଗୋପ,୧୯।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ବନ୍ୟା ଆସିବାରୁ ଗୋପ ବ୍ଲକର ବିଭିନ୍ନ ଗାଁ ଜଳମଗ୍ନ ରହିଛି। ନଦୀବନ୍ଧର ପ୍ରାୟ ସ୍ଥାନ ଅସୁରକ୍ଷିତ ଥିବା ବେଳେ ବନ୍ୟାଜଳରେ ୭୦ଲକ୍ଷ ଟଙ୍କାର ମୋରମ ଓ ମେଟାଲ ଭାସିଯାଇଛି। ଗୋପ ଜଳସମ୍ପଦ ବିଭାଗ ଅଧୀନରେ କୁଶଭଦ୍ରା ନଦୀ ବାମରେ ୩୫ କି.ମି, ଡାହାଣ ପଟରେ ୨୭ କିମି ନଦୀବନ୍ଧ ରହିଥିବା ବେଳେ, ଧନୁଆ ନଦୀବନ୍ଧ ୧୨ କିମି, ଲୁଣାବନ୍ଧ ୧୦କିମି ଓ ସିଆରକଟ ନଦୀବନ୍ଧ ୧୨କିମି ରହିଛି। ପ୍ରତ୍ୟେକ ବର୍ଷ ଏହି ସବୁ ନଦୀବନ୍ଧରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ। ୨୦୧୩ରେ କୁଶଭଦ୍ରା ବାମପଟ ନଦୀବନ୍ଧ କୁଶୁପୁରରେ ଏକ ଘାଇ ସୃଷ୍ଟି ହେବା ଫଳରେ ଗୋପ ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବହୁ ଧନଜୀବନ ହାନି ଘଟିଥିଲା। ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଘାଇ ମରାମତି ହୋଇଥିଲା। ନଦୀବନ୍ଧର ସୁରକ୍ଷା ତଥା ସାଧାରଣ ଲୋକମାନେ ବନ୍ୟା ସମୟରେ କିପରି ନଦୀବନ୍ଧ ଉପରେ ସୁବିଧାରେ ଯାତାୟାତ କରିପାରିବେ ସେ ଉଦ୍ଦେଶ୍ୟରେ କୁଶଭଦ୍ରା ନଦୀର ବାମପଟ ନଦୀ ବନ୍ଧର ନିମାପଡ଼ା ବ୍ରିଜ ନିକଟରୁ ନାଗପୁର ପର୍ଯ୍ୟନ୍ତ ୭୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ମୋରମ, ମେଟାଲ କାର୍ଯ୍ୟ କରାଯାଇଥିଲା। କିନ୍ତୁ ବନ୍ୟାଜଳ ଆସିବାରୁ କାର୍ଯ୍ୟରେ ବ୍ୟବହୃତ ମୋରମ, ମେଟାଲ ସମ୍ପୂର୍ଣ୍ଣ ଭାସିଯାଇଛି। ଏହି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏପରି ଅବସ୍ଥା ହେବା ସହ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ସୁରେନ୍ଦ୍ର ବେହେରା, ଭଗବାନ ଜେନା, ଭରତ ପ୍ରଧାନ, ଲୋକନାଥ ପ୍ରଧାନ ଅଭିଯୋଗ କରିଛନ୍ତି। ତେଣୁ ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି କହିଛନ୍ତି, ମୋରମ ଓ ମେଟାଲ କାର୍ଯ୍ୟର ବିଲ୍ କରିଥିବା କନିଷ୍ଠ ଯନ୍ତ୍ରୀଙ୍କର ବଦଳି ହୋଇଯାଇଛି। କିନ୍ତୁ କୁଶଭଦ୍ରା ବନ୍ଧ ଉପରେ ବନ୍ୟା ପରିସ୍ଥିତି ଯୋଗୁ ଦୃଷ୍ଟି ରଖାଯାଇଛି।

# ବ୍ୟାଙ୍କ ମିତ୍ର ସଂଘର ରାଜ୍ୟସ୍ତରୀୟ ଅଧିବେଶନ

ପୁରୀ ଅଫିସ, ୧୯।୯

ସିଆଇଟିୟୁ ସହ ଅନୁବନ୍ଧିତ ଓଡ଼ିଶା ବ୍ୟାଙ୍କ ମିତ୍ର ସଂଘର ରାଜ୍ୟସ୍ତରୀୟ ଅଧିବେଶନ ରବିବାର ସ୍ଥାନୀୟ ଅବକାଶ ଲେନ୍‌ସ୍ଥିତ ମଙ୍ଗଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମମତା ଜେନା ସଭାପତିତ୍ୱ କରିଥିଲେ। ରାଜ୍ୟ ବ୍ୟାଙ୍କ ଫେଡେରେଶନ ସଭାପତି ପ୍ରଦୀପ ଷଡ଼ଙ୍ଗୀ, ସିଆଇଟିୟୁ ରାଜ୍ୟ ଉପସଭାପତି ପୁଷ୍ପା ଦାଶ, ପାଚିକା ସଂଘ ସଭାପତି ପୀତବାସ ବେହେରା, ବ୍ୟାଙ୍କ ମିତ୍ର କବିତା ରଥ, ପ୍ରମୋଦିନୀ ପ୍ରଧାନ, ରଜନୀମଣି ବେହେରା, ପ୍ରଜ୍ଞା ପାରମିତା ଛାଟୋଇ, ରଞ୍ଜନ କୁମାର ନାୟକ, ନିରୁପମା ରଥ, ବିନୋଦିନୀ ପ୍ରଧାନ ଏବଂ ଶୁଭଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବ୍ୟାଙ୍କମିତ୍ରଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସରକାରଙ୍କ ନିକଟରେ ୭ଦଫା ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ସର୍ବନିମ୍ନ ମଜୁରି ଲାଗୁ, ସରକାରୀ କର୍ମଚାରୀ ମାନ୍ୟତା, ସ୍ଥାୟୀ ନିଯୁକ୍ତି, ବ୍ୟାଙ୍କ କୋଡ୍, ୟୁନିଫର୍ମ ଡ୍ରେସ୍ କୋଡ୍, ପରିଚୟପତ୍ର ପ୍ରଦାନ ଏବଂ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ପାଇଁ ଦାବି କରାଯାଇଛି।



ବ୍ୟାଙ୍କ ମିତ୍ର ସଂଘର ରାଜ୍ୟସ୍ତରୀୟ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ।

# ବନ୍ଦ ପାଇଁ ଜାରି ହୋଇନି ଲିଖିତ ନିର୍ଦ୍ଦେଶନାମା

## ସ୍ୱର୍ଗଦ୍ୱାର ପାଖରେ ବିଦେଶୀ ମଦ ଦୋକାନ ପ୍ରସଙ୍ଗ

- ଲୋକ ଦେଖାଣିଆ ପଦକ୍ଷେପ ନେଲା ଅବକାରୀ ବିଭାଗ

ପୁରୀ ଅଫିସ,୧୯।୯

ସ୍ୱର୍ଗଦ୍ୱାର ନିକଟରେ ବିଦେଶୀ ମଦ ଦୋକାନ ପ୍ରସଙ୍ଗ କ୍ରମଶଃ ବିବାଦୀୟ ହେବାରେ ଲାଗିଛି। ଏଠାରେ ପ୍ରଶାସନ ମଦ ଦୋକାନ ବନ୍ଦ ପାଇଁ କୁନ୍ଥକୁନ୍ଥ ହେଉଥିବା କୁହାଯାଉଛି। ତେବେ ରବିବାର ଲୋକଦେଖାଣିଆ ଭାବେ କେତେକ ମଦ ଦୋକାନକୁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଅମୃତ ମଣୋହୀ ଜମି ତଥା ସ୍ଥିତିବାନ ପ୍ଲଟରେ ଥିବା ମଦ ଦୋକାନକୁ ତୁରନ୍ତ ବନ୍ଦ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବକାରୀ ବିଭାଗକୁ ଚିଠି ଲେଖାଯାଇଥିଲା। ତେବେ କେବଳ ମହାପ୍ରଭୁଙ୍କ ଜମିରେ ଥିବା ମଦ ଦୋକାନ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ମୌଖିକ ନିର୍ଦ୍ଦେଶ ଦେଇଛି। ମାତ୍ର ଏନେଇ ରବିବାର ସୁଦ୍ଧା କୌଣସି ଲିଖିତ ପତ୍ର କିମ୍ବା ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ସ୍ୱର୍ଗଦ୍ୱାର ପାଖରେ ମଦ ଦୋକାନ ଖୋଲାଯିବା ଦ୍ୱାରା ଏଠାକାର ପବିତ୍ରତା ଓ ଧାର୍ମିକ ପରିବେଶ ନଷ୍ଟ ହେଉଛି। କେବଳ ମହାପ୍ରଭୁଙ୍କ ଜମିରେ ଥିବା ମଦ ଦୋକାନକୁ ସାମୟିକ ଭାବେ ବନ୍ଦ କରାଯିବା ଓ ଅନ୍ୟ ଦୋକାନ ପୂର୍ବ ଭଳି ଖୋଲା ରହିବା ପ୍ରସଙ୍ଗରୁ ସ୍ପଷ୍ଟ ହେଉଛି ଯେ, ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଉନାହାନ୍ତି। ମଦ ଦୋକାନ ବନ୍ଦ ନେଇ ଲିଖିତ ନିର୍ଦ୍ଦେଶନାମା ଜାରି ହୋଇନାହିଁ କାହିଁକି। ଅବକାରୀ ବିଭାଗ ମଦ ବ୍ୟବସାୟୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। କିଛି ଦିନ ପରେ ବିବାଦ ଥମିଯିବ ଓ ପୁଣି ମଦ ଦୋକାନ ଖୋଲିଯିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ସ୍ୱର୍ଗଦ୍ୱାର ନିକଟରେ ମଦ ଦୋକାନକୁ ପୁରୀ ସହରର ପ୍ରମୁଖ ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ କରାଯାଉଥିବାବେଳେ ଅବକାରୀ ବିଭାଗ ତ୍ୱରିତ ପଦକ୍ଷେପ ନେଉନାହିଁ। ରାଜସ୍ୱ ବିଭାଗ ପକ୍ଷରୁ ମଦ ଦୋକାନ ଜମି ଯାଞ୍ଚ କରି ଅବକାରୀ ବିଭାଗକୁ ରିପୋର୍ଟ ଦିଆସରିଥିଲେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ସେନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଖଣ୍ଡନ କରି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା କହିଛନ୍ତି, ଶ୍ରୀମନ୍ଦିର ମାଲିକାନା ଜମିରେ ମଦ ଦୋକାନକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ବିରୋଧ ପରେ ତୁରନ୍ତ ମଦ ଦୋକାନ ବନ୍ଦ କରିବା ପାଇଁ କୁହାଯାଇଛି। ଆଗାମୀ ଦିନରେ ସ୍ଥାନ ପରିବର୍ତ୍ତନ ହେବ। ଶ୍ରୀମନ୍ଦିର ଜମିକୁ ଛାଡ଼ି ସ୍ୱର୍ଗଦ୍ୱାର ନିକଟ ଅନ୍ୟ ଜମିରେ ମଦ ଦୋକାନ ରହିଥିଲେ ମଧ୍ୟ ଏହାକୁ ବନ୍ଦ କରିବା ଦାୟିତ୍ୱ ଜିଲା ପ୍ରଶାସନ ଉପରେ ଛାଡ଼ିଦିଆଯାଇଛି।

# ବସ୍‌ରୁ ଲୁଟ୍‌ପାଟ୍, ଆକ୍ରମଣ ଘଟଣା: ୫ ଗିରଫ

- ରୁପାଚେନ୍, ଟଙ୍କା, ୩ ବାଇକ୍, ମୋବାଇଲ ଫୋନ୍ ଜବତ
- ୨ ଫେରାର ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ଡେଲାଙ୍ଗ, ୧୯।୯(ଡି.ଏନ୍.ଏ.)



ବିରଞ୍ଚି ବେହେରା



ଜୟନ୍ତ ସ୍ୱାଇଁ



ରଞ୍ଜନ ରାଉତ



ସ୍ମୃତିରଞ୍ଜନ ରାଉତ



ବିକାଶ ବେହେରା

ଡେଲାଙ୍ଗ ଥାନା ଅଧୀନ ଅରିସଲ ଛକଠାରୁ କିଛି ଦୂରରେ ବସ୍ ଅଟକାଇ ଲୁଟପାଟ ସହ ଯାତ୍ରୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ବେରବୋଇ ଗ୍ରାମର ବିକାଶ ବେହେରା, ବିରଞ୍ଚି ବେହେରା, ରଞ୍ଜନ କୁମାର ରାଉତ, ସ୍ମୃତି ରଞ୍ଜନ ରାଉତ ଏବଂ ସତ୍ୟବାଦୀ ଥାନା ଅଧୀନ ଗବକୁଣ୍ଡ ପରଜାପଡ଼ା ଗ୍ରାମର ଜୟନ୍ତ କୁମାର ସ୍ୱାଇଁ। ଏମାନଙ୍କଠାରୁ ଏକ ରୁପାଚେନ, ୯ ହଜାର ୮ଶହ ଟଙ୍କା, ୨ଟି ମୋବାଇଲ ଫୋନ ଏବଂ ୩ଟି ପଲସର ବାଇକ୍ (ଓଡି ୩୩ ଏଲ୍ ୮୫୫୩, ଓଡି ୧୩ ଏଲ୍ ୬୭୨୮, ଓଡି ୧୩ ଏଲ୍ ୩୩୪୭) ଜବତ କରାଯାଇଛି। ଏ ନେଇ ଥାନାରେ ଏକ କେସ୍ (ନଂ. ୨୨୧/୨୧) ରୁଜୁ ହୋଇଛି। ୨ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି ବୋଲି ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ୬ଟାରେ ଆଲୋକ ନାମକ ବସ୍ କଟକରୁ ଯାତ୍ରୀଙ୍କୁ ନେଇ ଡେଲାଙ୍ଗ ଅଭିମୁଖେ ଫେରୁଥିଲା। ଅରିସଲ ଛକ ଓ ଖେଲାଉର ଛକ ମଧ୍ୟରେ ଥିବା ଏକ ନିଛାଟିଆ ସ୍ଥାନରେ ୭ଜଣ ଯୁବକ ବସ୍ ଆଗରେ ୩ଟି ବାଇକ ରଖି ଗାଡ଼ି ଠିଆ କରିବାକୁ ଇସାରା ଦେଇଥିଲେ। ଡ୍ରାଇଭର ଗାଡ଼ି ରଖିବାରୁ ସେମାନେ ବସ୍ ଡାହାଣ ପଟ ଡୋର୍‌କୁ ଏକ କାଠଫାଳିଆରେ ବାଡ଼େଇ ଭାଙ୍ଗିଦେଇଥିଲେ। ଏହାପରେ ଲାଠି ଧରି ବସ୍‌ରେ ପଶି ଯାତ୍ରୀଙ୍କୁ ଧମକଚମକ ଦେଇ ଟଙ୍କା ଓ ଜିନିଷପତ୍ର ଲୁଟିନେବାକୁ ଉଦ୍ୟମ କରିଥିଲେ। କଣ୍ଡକ୍ଟର ଜୟନ୍ତ ସାହୁ ବାରଣ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ ଓ ୨ଟି ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଡ୍ରାଇଭର ପ୍ରସନ୍ନ ବଳିୟାରସିଂଙ୍କ ତଣ୍ଟି ଚିପି ବେକରୁ ରୁପାଚେନ ଲୁଟି ନେଇଥିଲେ। ଏହି ସମୟରେ ପାଟି ଶୁଣି ଲୋକେ ଚାଲିଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରସନ୍ନ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫ଜଣଙ୍କୁ ଧରିଥିଲା।